## ପୃଥକ ଅଗ୍ନିକାଣ୍ଡ ଘଟି ୮ ବଖରା ଜଳିଗଲା

# ଫାଟିଲା ଗ୍ୟାସ୍ ଟାଙ୍କି , ଅଳ୍ପକେ ବର୍ତ୍ତିଲା ଜୀବନ

**ଡେଲାଙ୍ଗ,୧୧।୪(ସମିସ):** ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ସୁଜନପୁର ପଞ୍ଚାୟତର ଗୈରାଦେଇପୁର ଗ୍ରାମରେ ଗୁରୁବାର ଭୟାବହ ଅଗ୍ନିକାଣ୍ଡ ଘଟି ୬ ବଖରା ଓ ୧ବଖରା ଗୁହାଳ ପୋଡି ପାଉଁଶ ହୋଇଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ଅପରାହ୍ନ ୩ଟା ସମୟରେ ହଠାତ୍ ନିଆଁ ଜଳୁଥିବା ଶବ୍ଦଶୁଣି ପରିବାର ଲୋକେ ବାହାରକୁ ଆସି ଘର ଜଳୁଥିବାର ଦେଖିବାକୁ ପାଇଥିଲେ । ସ୍ଥାନୀୟ ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ନିଆଁର ପ୍ରକୋପ ଜୋରଦାର ଥିଲା ଯାହାଫଳରେ ନିଆଁ ଲିଭାଇବା ପାଇଁ ସଫଳ ହୋଇ ପାରିନଥିଲେ । ଖବର ପାଇ ଡେଲାଙ୍ଗ ଦମକଳ ବାହିନୀ ହାବିଲଦାର ଯଶୋବନ୍ତ ପ୍ରଧାନଙ୍କ ନେତୃତ୍ୱରେ ଆଗ୍ନିକ ଦଳ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଏହି ଅଗ୍ନିକାଣ୍ଡରେ ପଞ୍ଚୁ ବେହେରା, ଦିବା ବେହେରା, ଶିବ ବେହେରା, ବାଙ୍କା ବେହେରା, ନରୋତ୍ତମ ବେହେରା, ଧଡୁ ବେହେରାଙ୍କ ୬ ବଖରା ସହିତ ୧ବଖରା ଗୁହାଳ ଘର ପୋଡି ପାଉଁଶ ହୋଇଯାଇଛି । ଏହି ଅଗ୍ନିକାଣ୍ଡରେ ଧାନ, ଚାଉଳ, ମୁଗ, ବିରି, ଲୁଗାପଟା, ଘର କରଣା ଆସବାପତ୍ର ପୋଡି ପାଉଁସ ହୋଇଯାଇଛି । ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଜିନିଷ ପୋଡି ପାଉଁଶ ହୋଇଯାଇଥିବା ଡେଲାଙ୍ଗ ରାଜସ୍ୱନିରୀକ୍ଷକ ପ୍ରଦ୍ୟୁମ୍ନ ମାଢି ଘଟଣା ଆକଳନ କରିବା ସହିତ ବିପନ୍ନ ପରିବାରକୁ ପଲିଥିନ୍ ପ୍ରଦାନ କରିଛନ୍ତି । ଏହି ଅଗ୍ନିକାଣ୍ଡ ସମୟରେ ଏକ ୫ ଲିଟରିଆ ଗ୍ୟାସ ଟାଙ୍କି ଫାଟିଯାଇଥିଲା । ଏଥିରେ କାହାର କୌଣସି ଜୀବନ ହାନି ହୋଇନଥିବା ବେଳେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି । ଘଟଣା ସ୍ଥଳରେ ସ୍ଥାନୀୟ ବିଧାୟକ ରୁଦ୍ର ପ୍ରତାପ ମହାରଥି, ପୁରୀ ,ଲୋକସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ, ଜିଲ୍ଲା ପରିଷଦ ପ୍ରସନ୍ନ ସାହୁ, ପୂର୍ବତନ ସରପଞ୍ଚ ନବଘନ ପ୍ରଧାନ ପ୍ରମୁଖ ପହଞ୍ଚିବା ସହିତ ବିପନ୍ନ ପରିବାରେଙ୍କୁ ଶୁଖିଲା ଖାଦ୍ୟ, ପଲିଥିନ, ଓ ଗୋଖାଦ୍ୟ ବିତରଣ କରିଛନ୍ତି ।





ସେହିପରି ପଞ୍ଚାୟତ ଅଧିନ ପିଢପାଟଣା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୧ବଖରା ସମ୍ପୂର୍ଣ୍ଣ ଜଳିଯିବା ସହିତ ଜଣକର ଜୀବନ ଅଳ୍ପକେ ବର୍ତ୍ତି ଯାଇଛି । ପିଢପାଟଣା ଗ୍ରାମର ରବିନ୍ଦ୍ର ପରିଡା ତାଙ୍କ ଚାଳଘରେ ରାତିରେ ଶୋଇଥିବା ବେଳେ କୌଣସି କାରଣରୁ ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିଲା । ତାଙ୍କ ଦେହରେ ନିଆଁ ଧାସ ବାଜିବାରୁ ନିଦ ଭାଙ୍ଗିଯାଇଥିଲା । ସେ ଜୀବନ ବିକଳରେ ଦୁଆର ଖୋଲି ବାହାରକୁ ଦୌଡି ପଳାଇଥିଲେ । ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ସହିତ ଡେଲାଙ୍ଗ ଦମକଳ ବାହିନୀଙ୍କୁ ଖବର ଦେଇଥିଲେ । ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ତେବେ ମଶାଧୂପରୁ ନିଆଁ ଲାଗିଥିବା ଅଗ୍ନୀସମ ବିଭାଗ ଅନୁମାନ କରିଛି । ଯୋକନଡୁଆରେ ମଧ ଗତରାତିରେ ନିରଞ୍ଜନ ସାହୁଙ୍କ ପାଳଗଦା ପୋଡି ପାଉଁସ ହୋଇଯାଇଛି ।

## ନିମାପଡ଼ାର ବିଭିନ୍ନ ସ୍ଥାନରେ ଇଦ୍-ଉଲ୍ ଫିତର



**ନିମାପଡା,୧୧।୪(ସମିସ)** ନିମାପଡା ଅଞ୍ଚଳରେ ବିଭିନ୍ନ ମୁସଲିମ ବସ୍ତିରେ ଇଦ୍-ଉଲ-ଫିତର ପର୍ବ ମହାସମାରୋହରେ ପାଳିତ ହୋଇଛି । ନିମାପଡା ବ୍ଲକର ରେଘୁଂଲୋ,ରଏଡ ବଜାର,କଳାପାଞ୍ଚ ଣ,ଅଟେଇହୁଡା,କୁସୁମାଠେଙ୍ଗ,ଦିଘାଲୋ ବସ୍ତି ଆଦି ସ୍ଥାନରେ ମୁସଲିମ ସଂପ୍ରଦାୟର ଲୋକେ ଇଦ୍ ଉଲ୍- ଫିତରପାଳନ କରିଛନ୍ତି । ଏକମାସ ଧରି ଉପବାସ ରହିବା ପରେ ଗୁରୁବାର ଉପବାସ ଭଙ୍ଗ କରିଛନ୍ତି । ନୂଆ ପୋଷାକ ପରିଧାନ କରି ମସଜିଦରେ ସମୂହ ନମାଜ ପାଠ କରିଛନ୍ତି । ସ୍ଥାନୀୟ ବିଧାୟକ ସମୀର ରଂଜନ ଦାଶ ବିଭିନ୍ନ ସ୍ଥାନରେ ପହଂଚି ମୁସଲିମ ଭାଇମାନଙ୍କୁ ଇଦ୍ ମୁବାରକ ଜଣାଇବା ସହିତ ଆଲିଙ୍ଗନ କରିଛନ୍ତି ।

## ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ସଚେତନତା

**ସାକ୍ଷୀଗୋପାଳ,୧୧।୪(ସମିସ)** ସାକ୍ଷୀଗୋପାଳ ମନ୍ଦିର ନିକଟରେ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ଓ ଉତ୍କଳ ସମ୍ମିଳନୀ ଅନୁଷ୍ଠାନ ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଆଲେଚନାଚକ୍ରରେ ବିଶେଷ କରି ସାକ୍ଷୀଗୋପାଳକୁ ତୁରନ୍ତ ନିଶା ମୁକ୍ତ ବ୍ଲକ କରିବା ସହିତ ଐତିହାସିକ ବକୁଳବନର ସୁରକ୍ଷା ପାଇଁ ଦାବି କରାଯାଇଛି । ଯେଉଁ ପରି ବକୁଳବନର ପୁନଃ ଉଦ୍ଧାର କାର୍ଯ୍ୟ ଚାଲିଛି ତାହା ୨୦୨୫ ବେଳକୁ ମଧ୍ୟ ସରିବ ନାହିଁ । ତୁରନ୍ତ ଏହାକୁ ଅଗ୍ରସର କରିବା ସହ ବକୁଳବନ ପରିସରରୁ ମାଟି ନ ଉଠାଇ ବାହାରୁ ମାଟି ଉଠାଇବା, ସେଠାରେ ଆଗରୁ ବ୍ୟବହାର କରାଯାଇଥବା ଜିନିଷକୁ ନ ଭାଙ୍ଗି କାର୍ଯ୍ୟ କରିବା ଆଦି ସମ୍ପର୍କରେ ଆଲେଚନା କରାଯାଇଥିଲା । ଅନୁଷ୍ଠାନ ପକ୍ଷରୁ ସତ୍ୟବାଦୀ ବିଡିଓ ଓ ତହସିଲଦାରଙ୍କୁ ଏକ ଦାବିପତ୍ର ଦିଆଯାଇଛି । ସତ୍ୟବାଦୀ ଭଳି ଏକ ଐତିହ୍ୟ ସ୍ଥାନରେ ତିନୋଟି ମଦ ଦେକାନ ରହିଛି । ଏପରିକି ସାକ୍ଷୀଗୋପାଳ ବାଇପାସ ରାସ୍ତା ତଥା କଲେଜ ଯିବା ରାସ୍ତାରେ ମଦ ଦୋକାନ ଖୋଲାଯାଇଛି । ତୁରନ୍ତ ଗ୍ରାମ ରାସ୍ତାରୁ ମଦ ଦୋକାନ ହଟାଇବାର ଆବଶ୍ୟକତା ରହିଛି । ମଳୟ କୁମାର ତ୍ରିପାଠୀ, କବିତା ରାଣି ପରିଡା, ବିଜୟ କୁମାର ପରିଡା, ରଞ୍ଜନ କୁମାର ମିଶ୍ର, ନଟବର ଆଚାର୍ଯ୍ୟ, ସୁଶାନ୍ତ କୁମାର ରଥ, ଭୀମସେନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।



## ମାନସିଂହ ସାହିତ୍ୟ ସଂସଦର କବିତା ଆସର

**କୃଷ୍ଣପ୍ରସାଦ,୧୧।୪(ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ନନ୍ଦଳା ଠାରେ ମାନସିଂହ ସାହିତ୍ୟ ସଂସଦର ଆଭାସୀ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଆସର ରେ ମୁଖ୍ୟଅତିଥି ଭାବେ ଭରତ ପତି ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଡଃ ଅଶୋକ କୁମାର ପଣ୍ଡା ଯୋଗ ଦେଇ ଓଡିଆ ସାହିତ୍ୟରକ୍ରମ ବିକାଶର ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବା ସହ ନୂତନ ପିଢ଼ିର କବିମାନଙ୍କୁ ସାମୟିକ ଭାବଧାରାକୁ ନେଇ କିପରି କାଳ ଜୟୀ ସାହିତ୍ୟ ସୃଷ୍ଟି ମନସ୍କ ହେବା ପାଇଁ ପରାମର୍ଶ ଦେଇଥିଲେ । ଉକ୍ତ ସଭାରେ ସଂସଦର ଆଭିମୁଖ୍ୟ ବିଷୟରେ ମାର୍ଗ ଦର୍ଶକ ପ୍ରେମାନନ୍ଦ ବେହେରା ଆଲୋକପାତ କରିଥିଲେ । ଆସରରେ ଓଡ଼ିଶାର କୋଣ ଅନୁକୋଣ ଓ ଦେଶ ବିଦେଶରେ ରହୁଥିବ ଓଡ଼ିଆ ଭାଷା ଭାବାବେଗୀମାନେ (୫୦ରୁ ଅଧିକ) ଭାଗ ନେଇ ନିଜର ସ୍ୱରଚିତ କବିତା ପାଠ କରିଥିଲେ । ଆସରକୁ ଅନୁଷ୍ଠାନର ସ୍ଥାୟୀ ସଭାପତି ବିଷ୍ଣୁ ପ୍ରସାଦ ଦଳେଇ ପୌରୋହିତ୍ୟ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଲଳିତ କୁମାର ସ୍ୱାଇଁ ବିବରଣୀ ପ୍ରଦାନ କରିଥିଲେ ଏବଂ ସୁସାହିତ୍ୟିକ ଦେବରାଜ ଜେନା କବିତା ଗୁଡ଼ିକୁ ସଂଯୋଜନା କରିଥିଲେ । ଅନୁଷ୍ଠାନର ମାର୍ଗଦର୍ଶକ ବନବିହାରୀ ପଟ୍ଟନାୟକ କବିତାଗୁଡ଼ିକ ବିଶ୍ଳେଷଣ କରିଥିଲେ । ବନ୍ଦନା ପଣ୍ଡା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ପରିଶେଷରେ ଅନୁଷ୍ଠାନର ସଂଯୋଜକ ବିଦ୍ୟାଧର ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଇଫ୍ତାର ପାର୍ଟିରେ ଯୋଗଦେଲେ ବିଧାୟକ



**ଚାରିଛକ,୧୧।୪(ସମିସ)** ଚାରିଛକ ଅଞ୍ଚଳରେ ପବିତ୍ର ଇଦ୍-ଉଲ ଫିତର ପର୍ବ ପାଳିତ ହୋଇଯାଇଛି । ଏହି ଅବସରରେ ଚାରିଛକ ଅଞ୍ଚଳରେ ବିଭିନ୍ନ ବସ୍ତିରେ ଇଫତାର ପାର୍ଟି ଆୟୋଜିତ ହୋଇଯାଇଛି । କଳାପାଞ୍ଚଣ ଠାରେ ସେଖ୍ ମହସିନ୍ ମହମ୍ମଦଙ୍କ ଦ୍ୱାରା ଆୟୋଜିତ ଇଡ଼ତାର ପାର୍ଟିରେ ସ୍ଥାନୀୟ ବିଧାୟକ ସମୀର ରଂଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇଦ୍ ମୁବାରକ ଜଣାଇଥିଲେ । ଏହି ପାର୍ଟିରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ଅଭିମନ୍ୟୁ ପଣ୍ଡା, ସୂର୍ଯ୍ୟ ନାରାୟଣ ପରିଡା, ସେଖ୍ ରେହମତ୍, ସେକ୍ ମନିଲ, ସେକ୍ ସିରାଜ, ସେଖ୍ ମୁର୍ତୁଜା, ସିଂଉଲା ଖାଁ, ସୁକାନ୍ତ ପାତ୍ର, ସ୍ଥାନୀୟ ସମିତି ସଭ୍ୟା ସସ୍ମିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ସ୍ଥାନୀୟ ଅଞ୍ଚଳର ଶତାଧିକ ମୁସଲମାନ ଏବଂ ହିନ୍ଦୁ ଯୋଗଦେଇ ପରସ୍ପରକୁ ମିଠା ଖୁଆଇ ଇଦ୍ ମୁବାରକ ଜଣାଇଥିଲେ । ସେହିପରି କୁସୁମାଠେଙ୍ଗ, ବାହାରଣା, ଅଟେଇହୁଡା, ଖୁଲିସ ଆଦି ମୁସଲମାନ ବସ୍ତିରେ ଇଦ୍ ପର୍ବ ପାଳିତ ହୋଇଯାଇଛି ।

## ଇଦ୍ ପର୍ବରେ ଯୋଗଦେଲେ ମନ୍ତ୍ରୀ



**ନୟାହାଟ,୧୧।୪(ସମିସ):** ଗୁରୁବାର ଦିନ ନୟାହାଟ ଅଞ୍ଚଳରେ ଥିବା ମୁସଲିମ୍ ବସ୍ତିରେ ଇଦ୍ ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାର କାନ୍ତି ବେହେରା ,ପୂର୍ବତନ ୧୪ ନଂ ଜିଲ୍ଲାପରିଷଦ ଜ୍ୟୋତିରଞ୍ଜନ ନାୟକ ଓ କାଶୀନାଥ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ନୟାହାଟ ଅଞ୍ଚଳର ସିଙ୍ଗି ପାନିଆ ମିର୍ଜା ସାହି ,ଚଢେଇ ଖିଆ ,ବିଷ୍ଣୁଳିପଡା ,ରଙ୍ଗତୋଟା ,ସୁଜାଗଡ଼ ,ଖିସିସ , କୁସୁମା ଠେଙ୍ଗ ବସ୍ତିମାନଙ୍କରେ ମୁସଲିମ୍ ସମ୍ପ୍ରଦାୟର ଭାଇମାନେ ମାସକ ବ୍ରତ ରଖିଥିଲେ । ଗୁରୁବାର ସକାଳୁ ଉଠି ଗାଧୋଇ ନୂତନ ବସ୍ତ୍ର ପରିଧାନ କରି ମଜିତିରେ ନମାଜ ପାଠ କରିବା ସହ ଗରିବ ଲୋକମାନଙ୍କୁ ବସ୍ତ୍ର ଅର୍ଥ ଦାନ କରିଥିଲେ । ଏହି ପର୍ବରେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରାଯାଇଥିଲେ । ଶେଷରେ କେତେକ ବସ୍ତିରେ ଡୋଲି ସହିତ ଫରି ଖେଳ ଖେଳିଥିବାର ଦେଖିବାକୁ ମିଳିଥିଲା ।

## ପାଣି ପାଇଁ ଲୋକେ ହନ୍ତସନ୍ତ



**ନୟାହାଟ,୧୧।୪(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବରୀ ପଞ୍ଚାୟତ କୁମାରଡ଼ିହ ଗ୍ରାମର ସନ୍ତୋଷ ସାହୁ ଘର ପାଖରେ ଥିବା ପାନୀୟଜଳ ଷ୍ଟାଣ୍ଡ ପୋଷ୍ଟର ଟ୍ୟାପ ଭାଙ୍ଗି ଯାଇଛି । ଉକ୍ତ ପାଇପ୍‌ରେ କାଠି ଗୁଞ୍ଜା ହୋଇଥିବା ବେଳେ ପାଣି ପଦାରେ ବେହି ଯାଉଥିବା ଦେଖିବାକୁ ମିଳିଛି । ଅନ୍ୟପଟ ଯାହା ଫଳରେ ଲୋକମାନେ ପାନୀୟ ପାଣି ପିଇବାରୁ ବଞ୍ଚିତ ହେଉଛନ୍ତି । ଏସମ୍ପର୍କରେ ସନ୍ତୋଷ ସାହୁ ପଚାରିବାରୁ ସେ କହନ୍ତି ବର୍ଷେରୁ ଉର୍ଦ୍ଧ୍ୱ ହେବ ଭାଙ୍ଗି ପଡିଛି । ଏବିଷୟରେ କୋଣାର୍କ ଠାରେ ଥିବା ପାନୀୟ ଜଳ ପ୍ରକଳ୍ପ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ମରାମତି କରୁନାହାଁନ୍ତି । ଏନେଇ ଯନ୍ତ୍ରୀକୁ ଯୋଗାଯୋଗ କରିଥିଲେ ମଧ୍ୟ ଯନ୍ତ୍ରୀ ଙ୍କ ଫୋନ ବନ୍ଦ ଥିବାରୁ ତାଙ୍କର ମତାମତ ନିଆଯାଇ ପାରିନାହିଁ । ତୁରନ୍ତ ଏହି ପାଣି ଟ୍ୟାପ୍ ମରାମତି କରିବା ପାଇଁ ସନ୍ତୋଷ ସାହୁ ଦାବି କରୁଛନ୍ତି ।

# ସଡ଼କ ଦୁର୍ଘଟଣା: ଜଣେ ମୃତ, ଦୁଇ ଗୁରୁତର



**ଗୋପ,୧୧।୪(ସମିସ):** ଗୁରୁବାର ଭୋରୁ ପିପିଲି-କୋଣାର୍କ ମୁଖ୍ୟ ରାସ୍ତାର ବାୟାକୁଦା ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ବୃଦ୍ଧାଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଗୁରୁତର ହୋଇଥିବା ଜଣାପଡ଼ିଛି । ମୃତ ବୃଦ୍ଧାଜଣଙ୍କ ବଡ଼ମଠ ଗ୍ରାମର ରେଣୁ ବେହେରା (୭୦) । ପ୍ରକାଶ ଯେ, ଗୁରୁବାର ସକାଳୁ ନିମାପଡ଼ା ପଟୁ ଦ୍ରୁତ ଗତିରେ କାର୍ ନଂ ଓଡ଼ି୩୩-୫୬୧୮ ଆସୁଥିବା ବେଳେ ରେଣୁ ବେହେରା ଓ ରଞ୍ଜିତା ବେହେରା ବାୟାକୁଦା ନିକଟରେ ରାସ୍ତା ପାଶ୍ୱର୍ ଗଛରୁ ଫୁଲ ତୋଳୁଥିଲେ । କାର୍‌ଟି ଦ୍ରୁତ ଗତିରେ ଆସି ପ୍ରଥମେ ରେଣୁ ବେହେରାଙ୍କୁ ଧକ୍କା ଦେଇଥିବା ବେଳେ ଘଟଣାସ୍ଥଳରେ ରେଣୁ ବେହେରା ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ସାଥିରେ ଥିବା ରଞ୍ଜିତା ବେହେରା (୪୮) ରାସ୍ତା ପାଶ୍ୱର୍କୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ । ପରେ ଚାଳକ ଜଣକ କାର୍‌କୁ ନେଇ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ମିଲ୍କ ମନ୍ତ୍ରରୁ ଡ୍ୟୁଟି ସାରି ପୋଇତରା ଗ୍ରାମର ନିରଞ୍ଜନ ପ୍ରଧାନ ଘରକୁ ଫେରୁଥିବା ବେଳେ କାର୍ ତାଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣାସ୍ଥଳରେ ନିରଞ୍ଜନ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିରହିଥିବା ବେଳେ କାର୍‌କୁ ଛାଡ଼ି ଡ୍ରାଇଭର ଓ କାର୍‌ରେ ଥିବା କିଛି ବ୍ୟକ୍ତି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗ ଓ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିବା ପରେ ଘଟଣାସ୍ଥଳରେ ଗୋପ ଅଗ୍ନିଶମ କର୍ମଚାରୀ ଓ ୧୦୮ ଆମ୍ବୁଲାନ୍ସ ସହାୟତାରେ ଗୁରୁତରମାନଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ତେବେ ରେଣୁ ବେହେରାଙ୍କ ମୃତଦେହକୁ ପୁଲିସ୍ ଜବତ କରି ବ୍ୟବଚ୍ଛେଦ ଲାଗି ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିବାବେଳେ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ପଢ଼ିଆରୀ ସୂଚନା ଦେଇଛନ୍ତି ।



୧୧/୪/୨୦୨୪ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୯୪,୨୨୪/- ସୁନା: ୦୭.୭୮୦ ଗ୍ରାମ୍ ରୁପା: ୪୩.୪୦୦ ଗ୍ରାମ୍





# ହସିବ ବାଲୁଖଣ୍ଡ, ଫେରିବେ କୃଷ୍ଣସାର

ପୁରୀ, ୧୧।୪(ସମିସ)



ପୁଣି ହସି ଉଠିବ ବାଲୁଖଣ୍ଡ ଅଭୟାରଣ୍ୟ। ଏହି ସବୁଜ ବନାନୀକୁ ଫେରିବେ ବିରଳ କୃଷ୍ଣସାର ମୃଗ। ପୁଣିଥରେ ଚିତ୍ରା ହରିଣଙ୍କ ସହ କୃଷ୍ଣସାର ମୃଗଙ୍କ ମେଳରେ ଚଳଚଞ୍ଚଳ ହେବ ଏହି ମଣିଷ ତିଆରି ଜଙ୍ଗଲ। ଏ ନେଇ ପ୍ରସ୍ତୁତି ଶେଷ କରିଛି ବନ୍ୟପ୍ରାଣୀ ବିଭାଗ। ଏଥିପାଇଁ ଗଞ୍ଜାମ ଜିଲ୍ଲାର ଘୁମୁସର ଦକ୍ଷିଣ ବନଖଣ୍ଡ ଓ ନନ୍ଦନ କାନନରୁ ପ୍ରାଥମିକ ପର୍ଯ୍ୟାୟରେ ଅଳ୍ପ କିଛି କୃଷ୍ଣସାର ମୃଗଙ୍କୁ ଆଣି ବଂଶବିସ୍ତାର କରାଇବାର ଯୋଜନା କରାଯାଇଛି।

ଏକଦା କୃଷ୍ଣସାର ମୃଗଙ୍କ ଭୂସ୍ୱର୍ଗ ପାଲଟିଥିଲା ପୁରୀ-କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ। ଯୁଆଡେ ଚାହିଁବ ଏମାନଙ୍କୁ ଦେଖିବାକୁ ମିଳୁଥିଲା। ଏପରି କି ରାସ୍ତାଘାଟ, ଜନବସତି ମଧ୍ୟକୁ ବି ଚାଲି ଆସୁଥିଲେ। କିନ୍ତୁ କିଛିବର୍ଷ ହେବ ଆଉ ଦେଖିବାକୁ ମିଳୁନାହାନ୍ତି କୃଷ୍ଣସାର ମୃଗ। ଖାଦ୍ୟ ଅଭାବ ସାଙ୍ଗକୁ ବାରମ୍ବାର ସେମାନଙ୍କ ବାସସ୍ଥଳୀ ଭାଙ୍ଗିବା ଯୋଗୁ ଏହି ଅଭୟାରଣ୍ୟରୁ କୃଷ୍ଣସାର ଧୀରେ ଧୀରେ ଲୋପ ପାଇଥିଲେ। ୨୦୧୭ରେ ଗଣନା ସମୟରେ ଜଣାପଡ଼ିଥିଲା ଯେ କୃଷ୍ଣସାର ମୃଗ ଶୂନ୍ୟ ହୋଇଯାଇଛି ବାଲୁଖଣ୍ଡ। ତେବେ କୃଷ୍ଣସାରଙ୍କ ପରେ ଏହି ଅଭୟାରଣ୍ୟର ଅନ୍ୟତମ ଆକର୍ଷଣ ସାଜିଥିଲେ ଚିତ୍ରା ହରିଣ। ଏହି ସୁନ୍ଦର ଏବଂ କୌତୁକିଆ ହରିଣ ମଧ୍ୟ ବ୍ୟାପକ ସଂଖ୍ୟାରେ ବାଲୁଖଣ୍ଡରେ ଦେଖିବାକୁ ମିଳିଥିଲା। ହେଲେ ଏବେ ଏମାନଙ୍କ ସଂଖ୍ୟା ବି ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି। ଅବାଧ ହରିଣ ଶିକାର ସାଙ୍ଗକୁ ଖାଦ୍ୟପାନୀୟ ଅଭାବ ଏହାର କାରଣ ବୋଲି କୁହାଯାଉଛି।

୨୦୧୯ର ଫନୀ ବାତ୍ୟା ବାଲୁଖଣ୍ଡ ଅଭୟାରଣ୍ୟ ସବୁଜିମାକୁ ଧୂଳିସାତ୍ କରି ଦେଇଥିଲା। ବାତ୍ୟାରେ ଲକ୍ଷ ଲକ୍ଷ ଗଛ ଧରାଶାୟୀ ହୋଇଥିବା ବେଳେ ଚିତ୍ରା ହରିଣ ଏଣେତେଣେ ପଳାଇଯାଇଥିଲେ। ବାତ୍ୟାର କିଛିଦିନ ପରେ ଯଦିଓ ସେମାନେ ଫେରିଥିଲେ କିନ୍ତୁ ସଂଖ୍ୟା କମିଯାଇଛି। ହେଲେ ଦ୍ରୁତ ସହରୀକରଣ ଯୋଗୁ ଏହା ମଧ୍ୟରେ ରହୁଥିବା ଜୀବଜନ୍ତୁଙ୍କ ଜୀବନଶୈଳୀ ପ୍ରଭାବିତ ହେବାରେ ଲାଗିଛି। ଗୋଟିଏପଟେ ଜଙ୍ଗଲ ସଂକୁଚିତ ହେଉଥିବାବେଳେ ଅନ୍ୟପଟେ ବନ୍ୟପ୍ରାଣୀଙ୍କ ବାସ ପାଇଁ ସଙ୍କଟ ସୃଷ୍ଟି ହେଲାଣି। ବିଶେଷକରି ହରିଣଙ୍କ ପାଇଁ ଖାଦ୍ୟ ସଙ୍କଟ ଯୋଗୁ ବେଳେ ବେଳେ ସେମାନେ ମୃତାହତ ହେଉଛନ୍ତି। ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ବାହାରକୁ ଗଲେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଡ୍ରେନ୍‌ରେ ପଡ଼ି ହରିଣଙ୍କ ମୃତ୍ୟୁ ହେଉଥିବାବେଳେ ଏବେ ଶିକାରୀମାନଙ୍କ ପ୍ରାଦୁର୍ଭାବ ବଢ଼ିଗଲାଣି। ତେଣୁ ଚିତ୍ରା ହରିଣଙ୍କ ସଂଖ୍ୟା ବି ଦ୍ରୁତଗତିରେ ହ୍ରାସ ପାଇ ଚାଲିଛି। ଏବେ ଚିତ୍ର ହରିଣଙ୍କ ସହ ବଣଭୁଆ, ଗଧିଆ, ବିଲୁଆ, ନେଉଳ, ଓଧ ଆଦି ବନ୍ୟଜନ୍ତୁ ବସବାସ କରୁଛନ୍ତି। ଏଣୁ ପୁଣିଥରେ ବାଲୁଖଣ୍ଡ ଅଭୟାରଣ୍ୟକୁ କୃଷ୍ଣସାର ମୃଗଙ୍କ ମୁକ୍ତ ବିଚରଣର ଆଶ୍ରୟସ୍ଥଳୀ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି।

ଏ ସମ୍ପର୍କରେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ବିବେକ କୁମାର କହିଛନ୍ତି, 'କୃଷ୍ଣସାର ମୃଗ ବାଲୁଖଣ୍ଡକୁ ଆଣି ରଖିବା ନିଷ୍ପତ୍ତିକୁ ରାଜ୍ୟ ସରକାର ମଞ୍ଜୁର କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଆଉ ଅଳ୍ପଦିନ ମଧ୍ୟରେ ୬/୭ଟି କୃଷ୍ଣସାର ମୃଗ ଅଣାଯିବ। ପ୍ରଥମେ ନନ୍ଦନକାନନ ଏବଂ ପରେ ଗଞ୍ଜାମ ଜିଲ୍ଲା ଘୁମୁସର ବନଖଣ୍ଡରୁ ଏହି ମୃଗ ଆସିବେ। ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ କୋଣାର୍କ ବନାଞ୍ଚଳର କୁରୁଜଙ୍ଗ ଅଞ୍ଚଳରେ ଥିବା ଜଙ୍ଗଲରେ ଏହି କୃଷ୍ଣସାର ମୃଗଙ୍କୁ ରଖାଯିବ। ଏହି ଯୋଜନା ସଫଳ ହେଲେ, ଭବିଷ୍ୟତରେ ଆହୁରି କୃଷ୍ଣସାର ମୃଗ ଆଣିବାକୁ ଯୋଜନା ରହିଛି ବୋଲି ବିବେକ କୁମାର କହିଛନ୍ତି। ଅପରପକ୍ଷେ ସ୍ୱେଚ୍ଛାସେବୀ ସଙ୍ଗଠନ ସେଭ୍ କୋଷ୍ଟାଲା ଲାଇଫ୍‌ର ମୁଖ୍ୟ ପ୍ରକୃତିବନ୍ଧୁ ସରୋଜ କୁମାରର ଜେନା କହିଛନ୍ତି, ସମୟ ଥିଲା ବାଲୁଖଣ୍ଡରେ ବହୁ ସଂଖ୍ୟାରେ କୃଷ୍ଣସାର ରହୁଥିଲେ। ପରବର୍ତ୍ତୀ ସମୟରେ ଏମାନଙ୍କ ସଂକ୍ୟା ଶୂନ୍ୟ ହେବା ପରେ ଜଙ୍ଗଲ ବିଭାଗ ଗଞ୍ଜାମ ଜିଲ୍ଲାରୁ କୃଷ୍ଣସାର ଆଣି ଏଠାରେ ଛାଡିବା ଲାଗି ଯୋଜନା କରିଥିଲା।

ଇତିମଧ୍ୟରେ ୭ ବର୍ଷ ବିତିଲାଣି। ଏବେ ଯଦିଓ ଆସିବା ଲାଗି ଚୂଡ଼ାନ୍ତ ହୋଇଗଲାଣି ତାହା ନିଶ୍ଚିତ ସ୍ୱାଗତଯୋଗ୍ୟ। କିନ୍ତୁ ଯେଉଁ ଅଞ୍ଚଳରେ କୃଷ୍ଣସାରଙ୍କୁ ଛଡାଯିବା ଲାଗି ଚିହ୍ନଟ କରାଯାଇଛି ତାହା ଏମାନଙ୍କ ସହାବସ୍ଥାନ ପାଇଁ କେତେଦୂର ଉପଯୋଗୀ ତାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ସେହିପରି କୃଷ୍ଣସାରଙ୍କ ସଂଖ୍ୟା କିପରି ବୃଦ୍ଧ ପାଇବ ସେଥିଲାଗି ଉପଯୁକ୍ତ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ତେବେ ଏହି ଯୋଜନା ସଫଳ କରିବାକୁ ବନ ବିଭାଗର ଆନ୍ତରିକତା ଦରକାର। ପୂର୍ବରୁ ଯେଉଁ ବାଲୁଖଣ୍ଡ ଅଭୟାରଣ୍ୟରେ ଶହ ଶହ କୃଷ୍ଣସାର ମୃଗ ରହୁଥିଲେ, ଶିକାରୀଙ୍କ ଯୋଗୁଁ ଏହା ସମ୍ପୂର୍ଣ୍ଣ ଲୋପ ପାଇଗଲା। ତେଣୁ କେବଳ ଯୋଜନାରେ ସୀମିତ ନ ରହି ଏହା କିଭଳି ସଫଳ ହୋଇପାରିବ ସେ ଦିଗରେ କାର୍ଯ୍ୟ କରାଯିବା ଦରକାର ବୋଲି ଶ୍ରୀ ଜେନା କହିଛନ୍ତି।

## ନାମକରଣ ଉତ୍ସବରେ ଶ୍ରୀଗୁରୁଦେବଙ୍କ ପୂଜନ



ପୁରୀ, ୧୧।୪(ସମିସ): ପ୍ରତ୍ୟେକ କାର୍ଯ୍ୟକ୍ରମରେ ସର୍ବପ୍ରଥମେ ଗୁରୁଦେବଙ୍କ ପୂଜାର୍ଚ୍ଚନା କରିଲେ ତାହାର ସୁଫଳ ମିଳିଥାଏ। ଏକ ନିଆରା ପରମ୍ପରାରେ ନାମକରଣ ଉତ୍ସବରେ ଶ୍ରୀ ଗୁରୁଦେବଙ୍କ ପୂଜାର୍ଚ୍ଚନା ଖୋର୍ଦ୍ଧା ଅଞ୍ଚଳରେ ଦେଖିବାକୁ ମିଳିଥିଲା। ଏହି ଉପଲକ୍ଷେ ପୁରୀ ଜିଲ୍ଲା ନୟାହାଟସ୍ଥିତ ସର୍ବଧର୍ମ ସମନ୍ୱୟ ପୀଠ ପ୍ରାଚୀ ଗୁରୁଧର୍ମ କ୍ଷେତ୍ରରୁ ପ୍ରେମାଚାର୍ଯ୍ୟ ସଦଗୁରୁ ବାବା ମଧୁସୂଦନଙ୍କ ଶ୍ରୀବିଗ୍ରହ ଓ ପାଦୁକା ଅଞ୍ଚଳର ଭକ୍ତ ଅଞ୍ଜନ କୁମାର ମିଶ୍ର, ନିରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶଙ୍ଖ ଧ୍ୱନି, ମହାମନ୍ତ୍ର ସହ ଭକ୍ତମାନଙ୍କ ଗହଣରେ ଏଠାରେ ପହଞ୍ଚିଥିଲା। ଏଥିରେ ପ୍ରାଚୀ ଗୁରୁଧର୍ମ କ୍ଷେତ୍ରର ଅଧ୍ୟକ୍ଷ ବାବାଜୀ ଦାମୋଦର ଦାସ, ବାବାଜୀ ଚିତ୍ତବିନୋଦ ଦାସ, ବାବାଜୀ ପୂର୍ଣ୍ଣାନନ୍ଦ ଦାସ, ଡ. ରତ୍ନାକର ମହାନ୍ତି ଯୋଗଦେଇ ମନୁଷ୍ୟର ରିଷ୍ଟ ଖଣ୍ଡନ କେବଳ ଗୁରୁଙ୍କ ଆଶୀର୍ବାଦରୁ ମିଳିଥାଏ ବୋଲି ବିଭିନ୍ନ ତତ୍ତ୍ୱ ଆଧାରରେ ଦୃଷ୍ଟି ଆକର୍ଷଣ କରିଥିଲେ। ଷୋଡଶ ଉପଚାରରେ ଗୁରୁଦେବଙ୍କ ପୂଜାର୍ଚ୍ଚନା ପରେ ଗୁରୁଙ୍କ ପାଖରେ ଏକୋଇଶି ଦିନର ଶିଶୁକୁ ସମର୍ପଣ କରାଯାଇଥିଲା। ପରେ ବ୍ରାହ୍ମଣ ଦେବତାଙ୍କ ଦ୍ୱାରା ସତ୍ୟନାରାୟଣ ପାଲା କରାଯାଇଥିଲା। ଏଥିରେ ଅଞ୍ଚଳର ବୁଦ୍ଧିଜୀବୀ, ଶ୍ରଦ୍ଧାଳୁ, ଭକ୍ତ ଏପରି ପରମ୍ପରା ଦୃଶ୍ୟ ଦେଖି ଆତ୍ମହରା ହୋଇପଡ଼ିଲେ। ଠାକୁର ଅନୁକୂଳ ଚନ୍ଦ୍ର ଶିଷ୍ୟ ସୁରେନ୍ଦ୍ର ନାଥ ପଣ୍ଡା, ମନିତା ମିଶ୍ର, ପ୍ରୀତିରଞ୍ଜନ ଦାସ, ସବିତା ଦାସ, ପ୍ୟାରୀମୋହନ ସାହୁ, ନୀଳମଣି ସାହୁ ଓ ସତ୍ୟବାଦୀ ଦାସ ପରିଚାଳନା କରିଥିଲେ।

## ସତ୍ୟବାଦୀରେ 'ଉଠ ଓଡ଼ିଶା' ସଂକଳ୍ପ ଯାତ୍ରାର ପଦଯାତ୍ରୀ ଦଳକୁ ସ୍ୱାଗତ




ସାକ୍ଷୀଗୋପାଳ, ୧୧।୪(ସମିସ)

ପୁରୀରୁ ବାହାରିଥିବା 'ଉଠ ଓଡ଼ିଶା' ସଂକଳ୍ପ ଯାତ୍ରାର ପଦଯାତ୍ରୀ ଦଳ ଗୁରୁବାର ସାକ୍ଷୀଗୋପାଳରେ ପହଞ୍ଚିଛନ୍ତି। ଏଠାରେ ପହଞ୍ଚିବା ପରେ ସେମାନଙ୍କୁ ସତ୍ୟବାଦୀର ସାମାଜିକ କର୍ମୀ ନଟବର ଆଚାର୍ଯ୍ୟ, ଅବସରପ୍ରାପ୍ତ ଶିକ୍ଷକ ବନମାଳୀ ବେହେରା, ବିଜୟ କୁମାର ପରିଡ଼ା, ଆଇନଜୀବୀ ସୁଶାନ୍ତ କୁମାର ରଥ, ଗବେଷକ ଭୀମସେନ ମହାପାତ୍ର, ସମାଜସେବୀ ଗୋବିନ୍ଦ ମହାପାତ୍ର, ଡେଲାଙ୍ଗରୁ ସମାଜସେବୀ ଅଶୋକ ପ୍ରଧାନ, କିଷାନ ପଟ୍ଟନାୟକ, କବିତାରାଣୀ ପରିଡ଼ା, ଗାନ୍ଧୀବାଦୀ କୁନ୍ତଳା ବିଶ୍ୱାଳଙ୍କ ସହିତ ଅନ୍ୟମାନେ ପଦଯାତ୍ରୀ ଦଳକୁ ସ୍ୱାଗତ କରିଥିଲେ। ସାକ୍ଷୀଗୋପାଳ ବସଷ୍ଟାଣ୍ଡ ଠାରୁ ତାଙ୍କ ସହ ପଦଯାତ୍ରାରେ ସାମିଲ ହୋଇ ସାକ୍ଷୀଗୋପାଳ ମନ୍ଦିର ଦେଇ ବକୁଳବନ ପର୍ଯ୍ୟନ୍ତ ଯାଇଥିଲେ। ବକୁଳବନ ମଧ୍ୟରେ ଥିବା ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ପଦଯାତ୍ରୀ ଦଳ ଫୁଲମାଳ ଅର୍ପଣ କରିଥିଲେ। ପରେ ସେଠାରେ ସଭାର ଆୟୋଜନ କରାଯାଇଥିଲା। ବିଶେଷ କରି ଓଡିଆ ଭାଷା, ପରମ୍ପରା, ବକୁଳବନ ସୁରକ୍ଷା, ବନ ବିଦ୍ୟାଳୟ ପୁନ ଉଦ୍ଧାର, ଓଡିଆ ଭାଷାରେ ସମସ୍ତ ଅଫିସି ମାନଙ୍କରେ ବ୍ୟବହାର ଓ ଓଡିଆ ଜାତିକୁ ଅଗ୍ରାଧିକାର ଦେବା ସମ୍ପର୍କେ ଆଲେଚନା କରାଯାଇଥିଲା। ପଦଯାତ୍ର ଦଳରେ କାହ୍ନୁଚରଣ ବେହୁରା, ଅଶୋକ ଜେନା, ପିତାମ୍ବର ଭୂୟାଁ, ରମାକାନ୍ତ ମଣ୍ଡଳ, ବିଚିତ୍ର ବିଶ୍ୱାଳ, ମଳୟ ତ୍ରିପାଠୀ, ପିୟନାଥ ଆଚାର୍ଯ୍ୟ ପ୍ରମୁଖ ସାମିଲ ହୋଇଥିବାର ଦେଖାଯାଇଥିଲା। ଅପରାହ୍ନରେ ସୁଆଣ୍ଡୋ ଗସ୍ତ କରି ରାଜ୍ୟ ସରକାର ବିକାଶ କରିଥିବା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମପୀଠ ବୁଲି ଦେଖିବା ସହିତ ସେଠାରେ ରାତ୍ର ରହଣି କରିଥିଲେ।

## ବିଜେଡି ପୁରୀ ସଦର ନିର୍ବାଚନମଣ୍ଡଳୀର ବୈଠକ



ପୁରୀ, ୧୧।୪(ସମିସ)

ବିଜୁ ଜନତା ଦଳ ପୁରୀ ସଦର ନିର୍ବାଚନ ମଣ୍ଡଳୀର ଏକ ସାଙ୍ଗଠନିକ ବୈଠକ ଗୁରୁବାର ଶଙ୍ଖ ଭବନଠାରେ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାସବର୍ମା, ପୁରୀ ସଦର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ସୁନୀଲ ମହାନ୍ତି ଓ ପୁରୀ ଲୋକସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପୁରୀ ଜିଲ୍ଲା ବିଜେଡି ସଭାପତି ଦିବାକର ପାତ୍ର ପରିଚାଳନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରାମକୃଷ୍ଣ ଦାସମହାପାତ୍ର, ସୁରେନ୍ଦ୍ର ନାଥ ଦାସ, ଶ୍ରୀପ୍ରକାସ ମିଶ୍ର, ଗୌରହରି ପ୍ରଧାନ, କୃଷ୍ଣଚନ୍ଦ୍ର ପଣ୍ଡା, ତାତା ରାଓ, ବିଜୟ ମିଶ୍ର, ନାରାୟଣ ପଟ୍ଟନାୟକ, ବିଶୁ ରାଓ, ଭକ୍ତ ଚରଣ ଦାସ, ରବି ସାମନ୍ତରାୟ, ସବ୍ୟସାଚୀ ମହାପାତ୍ର, ପୁରୀ ଜିଲ୍ଲା ସହ ପର୍ଯ୍ୟବେକ୍ଷକ କାଶୀନାଥ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପୁରୀ ସଦର ଅଞ୍ଚଳର ୩୨ଟି ୱାର୍ଡ ଓ ୨୨ଟି ପଞ୍ଚାୟତର ପ୍ରମୁଖ ନେତୃବୃନ୍ଦଙ୍କ ସହିତ ଛାତ୍ର, ଯୁବ ଓ ମହିଳା ସଙ୍ଗଠନ ଉପସ୍ଥିତ ଥିଲେ। ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ୍ ପଟ୍ଟନାୟକ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ।

## ଭଡ଼ାଘରେ ଛାତ୍ରୀଙ୍କ ଆତ୍ମହତ୍ୟା

ପୁରୀ, ୧୧।୪(ସମିସ): ମାର୍କଣ୍ଡେଶ୍ୱର ସାହିରେ ଭଡ଼ା ଘର ନେଇ ରହୁଥିବା ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଟାଉନ ଥାନା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୬/୨୪) ରୁଜୁକରି ତଦନ୍ତ ଚଳାଇଛି। ଏ ସମ୍ପର୍କରେ ଟାଉନ ଥାନାଧିକାରୀ ସୁନୀଲ ପ୍ରଧାନ କହିଛନ୍ତି, ମୃତା ଛାତ୍ରୀଙ୍କ ଘର ଚନ୍ଦନପୁର ଅଞ୍ଚଳର ବିଷ୍ଣୁପ୍ରିୟା ଦାସ। ସେ ମାର୍କଣ୍ଡେଶ୍ୱର ସାହିରେ ଘର ଭଡା ନେଇ ରହୁଥିଲେ। ତେବେ ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ସେ ଏସ୍‌ସିଏସ୍ କଲେଜରେ ଯୁକ୍ତ ୨ର ଛାତ୍ରୀ। ଘରେ କେହି ନ ଥିବା ବେଳେ ଗୁରୁବାର ସକାଳେ ସେ ବେକରେ ଲୁଗା ଲଗାଇ କରିଥିଲେ। ତେବେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଆଇଆଇସି କହିଛନ୍ତି।

## ମୋବାଇଲ ଚୋରି କରି ବନ୍ଧାହେଲେ ଯୁବକ

**ପୁରୀ, ୧୧।୪(ସମିସ):** ମୋବାଇଲ ଚୋରି କରି ବନ୍ଧା ହେଲେ ଯୁବକ। ଗିରଫ ଅଭିଯୁକ୍ତ ହେଲେ ସତ୍ୟବାଦୀ ଥାନା ଅନ୍ତର୍ଗତ ଶିଉଳାର ସଚ୍ଚିଦାନନ୍ଦ ସ୍ୱାଇଁ (୩୨)। ଅଭିଯୋଗ ଅନୁଯାୟୀ, ପୁରୀ ବସ୍‌ଷ୍ଟାଣ୍ଡ ମେନଗେଟ୍ ନିକଟରେ ଚୁଡ଼ଙ୍ଗ ସାହିର ଶରତ ରଣସିଂହଙ୍କର ଏକ ମୋବାଇଲ ଦୋକାନ ରହିଛି। ବୁଧବାର ମଧ୍ୟାହ୍ନ ୧୨ଟା ସମୟରେ ସେ ଦୋକାନ ଖୋଲୁଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କର ଏକ ମୋବାଇଲ ଫୋନ ଏବଂ ୨ ହଜାର ଟଙ୍କା ଚୋରି କରିଥିଲା। ଏ ନେଇ ସେ କୁମ୍ଭାରପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତ ସଚ୍ଚିଦାନନ୍ଦଙ୍କୁ ଗିରଫ କରିଥିଲା। ସେ ତା'ର ଦୋଷ ସ୍ୱୀକାର କରିଥିବା ବେଳେ ପୁଲିସ ତା'ଠାରୁ ଚୋରି ମୋବାଇଲ ଫୋନ ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୧୧/୨୪) ରୁଜୁ କରାଯାଇ ଗୁରୁବାର ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି। ତେବେ ଅଭିଯୁକ୍ତ ସଚ୍ଚିଦାନନ୍ଦ ବିରୋଧରେ ପୂର୍ବରୁ ସତ୍ୟବାଦୀ ଥାନାରେ ୬ଟି ଏବଂ କୁମ୍ଭାରପଡ଼ା ଥାନାରେ ୨ଟି ଏହିପରି ୮ଟି ମାମଲା ରହିଛି।



ସାଧାରଣ ନିର୍ବାଚନ ଲାଗି ଷ୍ଟ୍ରଙ୍ଗ୍‌ରୁମ୍‌କୁ ନିଆଯାଉଛି ଇଭିଏମ୍ ମେସିନ୍

## କୋରେକ୍ସ ବିକ୍ରି ବେଳେ ଜଣେ ଗିରଫ

**ପୁରୀ, ୧୧।୪(ସମିସ):** ଶ୍ରୀମନ୍ଦିର ଉତ୍ତର ଦ୍ୱାର ବଣୁଆ ଗଳିରେ କୋରେକ୍ସ ବିକ୍ରି କରୁଥିବା ବେଳେ ଟାଉନ ଥାନା ପୁଲିସ ଚଢାଉ କରି ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବାଣୁଆ ଗଳିର ରାଜକିଶୋର ପୃଷ୍ଟି (୫୦)। ତା'ଠାରୁ ପୁଲିସ ୬୧ ବୋତଲ କଫ୍ ସିରପ ସହ ୪୨୦ ଟଙ୍କା ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୩୩/୨୪) ରୁଜୁ କରାଯାଇ ଅଭିଯୁକ୍ତ ରାଜକିଶୋରକୁ କୋର୍ଟଚାଲାଣ କରିଛି ପୁଲିସ। ତେବେ ସହରରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁରୀ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଚାଲିଛି। ଏହି କ୍ରମରେ ବିଭିନ୍ନ ଥାନା ଅଞ୍ଚଳରେ ଚଢାଉ କରାଯାଇ ବେଆଇନ ନିଶା କାରବାର କରୁଥିବା ଅଭିଯୁକ୍ତଙ୍କୁ ଗିରଫ କରୁଛି ପୁଲିସ।

### ଡେଲାଙ୍ଗ-ପିପିଲିରେ ବିଜେଡିର ଶକ୍ତି ପ୍ରଦର୍ଶନ

## ଜନସମ୍ପର୍କ ଯାତ୍ରାରେ ସାମିଲ ହେଲେ ୧୨ ପଞ୍ଚାୟତର ଶତାଧିକ କର୍ମୀ






ପ୍ରତି ଗାଁରେ ଅରୂପ ଓ ରୁଦ୍ରଙ୍କୁ ଭବ୍ୟ ସ୍ୱାଗତ

ଡେଲାଙ୍ଗ/ପିପିଲି, ୧୧।୪(ସମିସ)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଡେଲାଙ୍ଗ-ପିପିଲି ବିଜୁ ଜନତା ଦଳ ପକ୍ଷରୁ ବୁଧବାର୯ଟି ପଞ୍ଚାୟତ ଓ ଗୁରୁବାର ୩ଟି ପଞ୍ଚାୟତରେ ଜନସମ୍ପର୍କ ଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରାରେ ମାଧ୍ୟମରେ ବିଜେଡି କର୍ମୀ ଓ ନେତାମାନେ ଶକ୍ତି ପ୍ରଦର୍ଶନ କରିବା ସହିତ ଭୋଟ ପାଇଁ ଜୋରଦାର ପ୍ରଚାର ଆରମ୍ଭ କରିଛନ୍ତି। କଲ୍ୟାଣପୁର, ମୁନିନ୍ଦା ଓ ଡେଲାଙ୍ଗ - କୋଠବାଡ ପଞ୍ଚାୟତରେ ଗୁରୁବାର ଜନସମ୍ପର୍କ ଯାତ୍ରାରେ ବିଧାୟକ ରୁଦ୍ରପ୍ରତାପ ମହାରଥି ଓ ପୁରୀ ଲୋକସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ ଯୋଗଦେଇ ଥିବା ବେଳେ ଗାଁ ଗାଁରେ ତାଙ୍କୁ ବନ୍ଦାପନା କରିବା ସହିତ ଭବ୍ୟସ୍ୱାଗତ କରାଯାଇଥିଲା। ଶ୍ରୀ ମହାରଥି ଓ ଶ୍ରୀ ପଟ୍ଟନାୟକ ତାଙ୍କ ଶତାଧିକ ସମର୍ଥକଙ୍କ ସମେତ କଲ୍ୟାଣପୁର, କରିମୂଲ, ସେବତୀପୁର, ମୁନିନ୍ଦା, ସାନ ମୁନିନ୍ଦା, ଅଳଉତା, ଡାକପଡ଼ା, ଆଙ୍କୁଲା, ଶଙ୍ଖପାଟ ପ୍ରଭୃତି ବିଭିନ୍ନ ଗ୍ରାମପୁଞ୍ଜକୁ ଯାଇ ଭୋଟରଙ୍କ ନିକଟରେ ପହଞ୍ଚି ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହିତ ଆଗାମି ଦିନରେ ବିଜେଡି ଜିତିଲେ ବିକାଶ କାର୍ଯ୍ୟଧାରା ଚାଲୁରହିବ ବୋଲି କହିଛନ୍ତି। ସେହିପରି ବୁଧବାର ସାଉରିଆ ପଞ୍ଚାୟତର ବଣିବକ୍ରେଶ୍ୱର ମନ୍ଦିରରୁ ଠାକୁରଙ୍କୁ ଦର୍ଶନ କରିବା ପରେ ପ୍ରଚାର ମୈଦାନକୁ ଓହ୍ଲାଇଥିଲେ। ସାଉରିଆ, ଘନିପୁର, ଗୋଡିପୁଟମାଟିଆପଡ଼ା, ଗଡ଼ମୋଟରୀ, ହରିରାଜପୁର, ରେଙ୍ଗଳ, ଚାଇଁପୁର, ସୁଜନପୁର, ସିଂହବ୍ରହ୍ମପୁର ପଞ୍ଚାୟତର ଯୋରକଣି, ତିଗିରିଆ, ଗଡ଼ବେଗୁନିଆପଡ଼ା, ଡାଲୁଅ ନୂଆପଡ଼ା, ପଣ୍ଡୁଆ, ଓଡପଡ଼ା, ଗଙ୍ଗପୁର ପାଟଣା, କୁଆପଦା, କଅଁଳପଡ଼ା ପ୍ରଭୃତି ଗ୍ରାମ ପରିକ୍ରମା କରିବା ସହିତ ସ୍ଥାନୀୟ ଲୋକଙ୍କ ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କରେ ଅବଗତ ହେବା ସହିତ ଏହାର ତୁରନ୍ତ ସମାଧାନ ଉପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ପ୍ରତ୍ୟକ ଗ୍ରାମ ଓ ଛକମାନଙ୍କରେ ଥିବା ମଠ, ମନ୍ଦିର, ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ଜିଲ୍ଲାପରିଷଦ ପ୍ରସନ୍ନ ସାହୁ, ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ସାହୁ, ବିପିନ ବିହାରୀ ନରେନ୍ଦ୍ର, ଆଦିକନ୍ଦ ରାଉତରାୟ, ସାମାଜିକକର୍ମୀ ତପନ ରାୟ, ସମିତି ସଭ୍ୟା ସବିତା ରାଉତରାୟ, କଳ୍ପତରୁ ବରାଳ, ସମିତି ସଭ୍ୟ ନରେନ୍ଦ୍ର ପ୍ରଧାନ, ଲଲାଟକଲେଶରୀ ସାମନ୍ତରାୟ, ସରପଞ୍ଚ ରଜନୀ ଶାସମଲ, ମହାଦେବ ରାଉତରାୟ ସଞ୍ଜୟ ଜେନା, ସାଂସଦ ପ୍ରତିନିଧି ନୃସିଂହ ଜେନା, ପୂର୍ବତନ ସରପଞ୍ଚ ନରେନ୍ଦ୍ର ପ୍ରଧାନ, ଯୁବନେତା ପ୍ରଭାସ ପରିଡ଼ା, ସୁଦିପ୍ତ ନାୟକ, ସୌମ୍ୟରଞ୍ଜନ ରାଉତ, ବିଶ୍ୱ ପାଲଟାସିଂହ ପ୍ରମୁଖଙ୍କ ସହିତ ଶତାଧିକ ବିଜେଡି ସମର୍ଥକ ବାଇକ୍ ରାଲି ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ସୁଜନପୁର ପଞ୍ଚାୟତ କଅଁଳପଡ଼ା ସ୍ଥିତ ମା' ଖଣ୍ଡୁଆଳଙ୍କ ମନ୍ଦିର ପ୍ରାଙ୍ଗଣରେ ବିଜେଡିର ଦଳୀୟ କର୍ମୀମାନଙ୍କୁ ନେଇ ନିର୍ବାଚନ ରଣନୀତି ସମ୍ପର୍କରେ ବୈଠକ ହୋଇଥିଲା। ଏହି ପରିପ୍ରେକ୍ଷିରେ ଜଗଦଳପୁରର ଦିବଙ୍ଗତ ଜାତୀୟସ୍ତରୀୟ ଖେଳାଳି ସରୋଜିନୀ ସୁନ୍ଦରାୟଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇଥିଲେ।

ସେହିପରି ପ୍ରଚାର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ୱନୀ ନନ୍ଦ ଉପାଧ୍ୟକ୍ଷ ପ୍ରଫୁଲ ସ୍ୱାଇଁ, ଜିଲ୍ଲାପରିଷଦ ଧରଣୀଧର ସାହୁ, ବିଜେଡ଼ି ନେତା ଦେବାଶିଷ ନନ୍ଦ, ନାରାୟଣ ସ୍ୱାଇଁ ରୁପଦେଇପୁରର ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ମିଶ୍ର, ଯଶୁଆପୁରର ବିଜେଡ଼ି ନେତା ଆଶିଷ ବରାଳ, ସମିତି ସଭ୍ୟ ରଶ୍ମି ରଞ୍ଜନ ଭଟ୍ଟ, ନକୁଳ ପ୍ରଧାନ ଚନ୍ଦ୍ରାଦେଇପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ନରେନ୍ଦ୍ର ସ୍ୱାଇଁ, ବିଜେଡ଼ି ଯୁବନେତା ବିଶ୍ୱଜିତ ଦାଶ, ମନୋଜ ଦାଶଙ୍କ ସମେତ ଶତାଧିକ ବିଜେଡ଼ି ନେତା ଓ କର୍ମୀ ଯୋଗ ଦେଇଥିଲେ।

## ସରପଞ୍ଚ ସ୍ୱାମୀଙ୍କ ନାଁରେ ଦୁଷ୍କର୍ମ ଅଭିଯୋଗ

**ଓଡଗାଁ, ୧୧।୪(ସମିସ):** ଓଡଗାଁ ଥାନା ଗିରିଡିପଲ୍ଲୀ ପଞ୍ଚାୟତ ଗିରିଡିପଲ୍ଲୀ ଗ୍ରାମର ଜନୈକା ମହିଳାଙ୍କ ଘରେ ଉକ୍ତ ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ଜୋର ଜବରଦସ୍ତ ପସି ତାଙ୍କସହ ଦୁଷ୍କର୍ମ କରିଥିବା ନେଇ ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଗିରିଡିପଲ୍ଲୀ ଗ୍ରାମର ଜଣେ ମହିଳା କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ସ୍ୱାମୀ ଖୋର୍ଦ୍ଧା ଜିଲ୍ଲାରେ ରହି କାମ କରନ୍ତି। ସେ ଘରେ ରହୁନଥିବାର ସୁଯୋଗ ନେଇ ବୁଧବାର ରାତିରେ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ସନ୍ୟାସୀ ପ୍ରଧାନ ତାଙ୍କ ଘରକବାଟ ଖଟଖଟ କରି ଡାକିଥିଲେ। ଡ଼ାକ ଶୁଣି କିଏ ବୋଲି ପଚାରି କବାଟ ଖୋଲିବା ବେଳେ ସନ୍ୟାସୀ ତାଙ୍କୁ ପେଲିଦେଇ ତଳେ ପକାଇ ପାଟି ବନ୍ଦ କରି ଦୁଷ୍କର୍ମ କରିଥିଲା। ଏହି ଘଟଣା ସମ୍ପର୍କରେ କାହାରିକୁ ଜଣାଇଲେ ପରିବାରର ସମସ୍ତଙ୍କୁ ଜୀବନରେ ମାରି ଦେବି ବୋଲି ଧମକ ଦେଇ ଚାଲି ଯାଇଥିଲା। ଗୁରୁବାର ପିଡିତା ଓଡଗାଁ ଥାନାର ଦ୍ୱାରସ୍ଥ ହୋଇ ଏନେଇ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ସରପଞ୍ଚଙ୍କ ସ୍ୱାମୀ ସନ୍ୟାସୀ ପ୍ରଧାନ ଏହା ଭିତ୍ତିହୀନ ବୋଲି କହିବା ସହ ମୁଁ ଗାଁରେ ୨ଦିନ ହେବ ନଥିଲି। କିଛି ଲୋକ ମହିଳାଙ୍କୁ ମୋ ବିରୁଦ୍ଧରେ ମତାଇ ଶିଖାଇ ଏଭଳି ଅଭିଯୋଗ କରିଥିବା କହିଛନ୍ତି।

## ବଜ୍ରପାତରେ ୨ଗୋରୁ ମୃତ, ମହିଳା ଗୁରୁତର

**ଗଣିଆ, ୧୧।୪(ସମିସ):** ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଅଞ୍ଚଳରେ ଗୁରୁବାର ସକାଳୁ ପ୍ରବଳ ଘଡଘଡି ସହ ବିଜୁଳି ସହ ପ୍ରାୟ ଏକ ଘଣ୍ଟା ଧରି ବର୍ଷା ହୋଇଥିବା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହେବା ସହ ବହୁ ସ୍ଥାନରେ ଗଛଡାଲ ଭାଙ୍ଗି ପଡ଼ି ବହୁ କ୍ଷତି ହୋଇଥିବା ଜଣାପଡ଼ିଛି। ବ୍ଲକର କରଡାପଡ଼ା ପଞ୍ଚାୟତ ଗୌଡ଼ ତୁମାଣ୍ଡୀ ଗ୍ରାମର ଭୋଳେଶ୍ୱରଙ୍କର ବଜ୍ରଘାତରେ ଦୁଇଟି ଗାଈ ବାଛୁରୀ ମୃତ୍ୟୁବରଣ କରିଥିବା ବେଳେ ଜଣେ ମହିଳା ଗୁରୁତର ହୋଇଥିବା ସୂଚନା ମିଳିଛି।ସୂଚନା ଅନୁସାରେ ଗୌଡ଼ ତୁମାଣ୍ଡୀ ଗ୍ରାମରେ ଗୋଟିଏ ଓସ୍ତଗଛମୂଳରେ ୨ଟି ଗାଈ ବାନ୍ଧିଥିଲେ। ହଠାତ୍ ବଜ୍ରପାତ ହେବା ଯୋଗୁ ଗାଈ ୨ଟି ବଜ୍ରପାତର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ଗଛ ପାଖରେ ସେହି ଗ୍ରାମର ନିବାସିନୀ ବେହେରା ଥିବା ବେଳେ ବଜ୍ରାପାତରେ ଗୁରୁତର ହୋଇଛନ୍ତି। ତାଙ୍କୁ ତୁରନ୍ତ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକ ନେଇଥିଲେ। ସେଠାରେ ସମ୍ପୃକ୍ତ ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି।

## ବାହାଡ଼ାରେ ୩୬ ଦଣ୍ଡକାମେନାଙ୍କ ଆବିର୍ଭାବ



**ଖଣ୍ଡପଡ଼ା, ୧୧।୪(ସମିସ):** ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ପଞ୍ଚାୟତ ଅନ୍ତର୍ଗତ ବାହାଡ଼ା ଗ୍ରାମରେ ଗୁରୁବାର ଦଣ୍ଡକାମେନା କୋଠିରେ ୩୬ ଦଣ୍ଡ ଆବିର୍ଭାବ ହୋଇ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ପ୍ରଥମେ ପାଟ ଭୋକତା ମାନେ ଧୂଳି ଖେଳ କରି ଲୋକନାଥଦେବଙ୍କ ପୁଷ୍କରିଣୀରେ ସ୍ନାନ କରି ରୀତିନୀତି ଅନୁଯାୟୀ ସ୍ଥାନଅଧିପତି ଲୋକନାଥଦେବ, ଦଣ୍ଡକାଳୀ ଓ ମା' ଗୌରୀଙ୍କୁ ପୂଜାର୍ଚ୍ଚନା କରିବା ପରେ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ଅବସରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରଦ୍ଧାଳୁମାନେ ହରିବୋଲ ହୁଳହୁଳି ପକାଇ ଠାକୁରଙ୍କୁ ଆସ୍ଥାନକୁ ସ୍ୱାଗତ କରିବା ସହିତ ପ୍ରତ୍ୟେକ ଘରେ ପୂର୍ଣ୍ଣକୁମ୍ଭ ଓ ପ୍ରଦୀପ ପ୍ରଜ୍ୱଳନ କରି ବନ୍ଦାପନା କରିଥିଲେ।

### ଶକ୍ତିଶାଳୀ ହେଉଛି ଦଶପଲ୍ଲା ବିଜେଡି

# ୫୦ ପଞ୍ଚାୟତରୁ ୫୦ ହଜାର ବ୍ୟବଧାନ ଲକ୍ଷ

**ନୟାଗଡ଼, ୧୧।୪(ସମିସ):**



ନୟାଗଡ଼ ଜିଲ୍ଲା ଦଶପଲ୍ଲାରେ ନିର୍ବାଚନ ମଣ୍ଡଳୀରେ ରହିଥିବା ରାଜନୈତିକ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବିଧାନସଭା ଆସନରୁ ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କୁ ପୁନଃ ପ୍ରାର୍ଥୀ ଘୋଷଣା କରିବା ପରେ ପ୍ରମୁଖ ବିରୋଧି ତଥା ଅସନ୍ତୁଷ୍ଟଙ୍କୁ ବିଧାୟକ ଆପଣାର କରିବାକୁ ଚେଷ୍ଟା ଜାରି ରଖିଛନ୍ତି। ଦୀର୍ଘଦିନ ଧରି ରମେଶଙ୍କ ବିରୁଦ୍ଧରେ ସଂଗଠନ ଚଳାଇଥିବା ଶ୍ରୀହରୀ ନାୟକ ବିଜୁ ଜନତା ଦଳରେ ସାମିଲ ହେବା ପରେ ଦଶପଲ୍ଲା ଏନଏସି ଅଧ୍ୟକ୍ଷା ପୁନମ୍ ପ୍ରିୟଦର୍ଶିନୀ ବିଜେଡିରେ ସାମିଲ ହୋଇଛନ୍ତି। ଦଶପଲ୍ଲାରେ ରହିଥିବା ଅସନ୍ତୋଷ ଓ ବିଦ୍ରୋହ ଏବେ ଶାନ୍ତ ପଡ଼ିଥିବା ବେଳେ ଦଶପଲ୍ଲା ବିଜେଡି ଦିନକୁ ଦିନ ଶକ୍ତିଶାଳୀ ହେବାରେ ଲାଗିଛି। ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୂଆଗାଁ, ଦଶପଲ୍ଲା ଓ ଗଣିଆ ବ୍ଲକର ୫୦ ପଞ୍ଚାୟତର ବିକାଶ ଓ ଉନ୍ନତୀକୁ ଆଗକୁ ନେବା ପାଇଁ ଉଦ୍ୟମ ଜାରି ରହିଛି। ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ଗତ ୨୦୧୯ ସାଧାରଣ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା ୩୫ ହଜାର ଭୋଟ ବ୍ୟବଧାନରେ ବିଜେପି ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ନାୟକଙ୍କଠାରୁ ବିଜୟୀ ହୋଇଥିଲେ।ଆଗାମୀ ସାଧାରଣ ନିର୍ବାଚନରେ ଏହି ଭୋଟ ବ୍ୟବଧାନ କିଭଳି ବୃଦ୍ଧି ପାଇବ ସେ ନେଇ ଦଳ ପକ୍ଷରୁ ଜୋରଦାର ଉଦ୍ୟମ ଚାଲିଥିବା ସୂଚନା ମିଳିଛି। ୫୦ ପଞ୍ଚାୟତରୁ ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥୀ ୫୦ ହଜାର ଭୋଟ ବ୍ୟବଧାନରେ ଆଗୁଆ ରହିବେ ବୋଲି କର୍ମୀ ଓ ସଂଗଠକମାନେ ଆକଳନ କରୁଛନ୍ତି। ବିଜେପି ଏଠାରେ ରାଘବ ମଲ୍ଲିକଙ୍କୁ ବିଧାନସଭା କ୍ଷେତ୍ର ପ୍ରାର୍ଥୀ ଘୋଷଣା କରିଥିବା ବେଳେ କଂଗ୍ରେସ ଏଯାଏଁ ପ୍ରାର୍ଥୀ ଘୋଷଣା କରିନାହିଁ। ବିଜେପି ପ୍ରାର୍ଥୀକୁ ନେଇ ରହିଥିବା ଅସନ୍ତୋଷ ଚରମ ସ୍ଥିତିରେ ରହିଛି। ବିଜେପି ପ୍ରାର୍ଥୀ ନିଜର ପ୍ରଚାର ଆରମ୍ଭ କରିଥିବା ବେଳେ ତାଙ୍କ ସହିତ ନେତା ପୂର୍ଣ୍ଣଚନ୍ଦ୍ର ନାୟକ, କିଛିଦିନ ତଳେ ଦଳରେ ସାମିଲ ହୋଇଥିବା ଡା. ରବୀନ୍ଦ୍ର ସେଠୀଙ୍କ ସମେତ ତାଙ୍କଠାରୁ ଅନେକ ନେତା ଦୂରତା ଅବଲମ୍ବନ କରୁଛନ୍ତି। ବିଜେପି କର୍ମୀ ଓ ନେତା ପ୍ରାର୍ଥୀ ପରିବର୍ତ୍ତନ ଆଶା କରିଥିବା ବେଳେ ଆଗକୁ କଣ ପରିସ୍ଥିତି ହେବ ତାକୁ ନେଇ ସମସ୍ତେ ଆଶା ଓ ଆଶଙ୍କା ମଧ୍ୟରେ ରହିଛନ୍ତି। ଏଭଳି ସ୍ଥିତିରେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ସଂଗଠନକୁ ମଜବୁତ କରିବା ପାଇଁ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ସାଂସଦ ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କ ସମେତ ବହୁ ବ୍ୟକ୍ତି ପ୍ରୟାସ ଜାରି ରଖିଥିବା ସୂଚନା ମିଳିଛି। ଦଶପଲ୍ଲାର ୫୦ ପଞ୍ଚାୟତରୁ ୫୦ ହଜାର ବ୍ୟବଧାନ ନାରା ନେଇ ଦଳକୁ ନିର୍ବାଚନ ମଇଦାନକୁ ଓହ୍ଲାଇବ ବୋଲି ଆଲୋଚନା ହେଉଛି।

## ଯୋଗିଆପଲ୍ଲୀରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ଖଣ୍ଡପଡ଼ା, ୧୧।୪(ସମିସ):** ଖଣ୍ଡପଡ଼ା ବ୍ଲକ ଅଧୀନ ଯୋଗିଆପଲ୍ଲୀ ପଞ୍ଚାୟତରେ ଆଜି ଅପରାହ୍ନରେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ପ୍ରତ୍ୟେକ ଘରେ ଘରେ ପହଞ୍ଚିଥିବା ନେଇ ପ୍ରଚାର ପ୍ରସାର କରାଯାଇଥିଲା। ପୂର୍ବତନ ବ୍ଲକ ବିଜେଡ଼ି ସଭାପତି ତଥା ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂହଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ରମାକାନ୍ତ ସେଠୀ, ବୋଦସା ପୂର୍ବତନ ସରପଞ୍ଚ ସର୍ବେଶ୍ୱର ସ୍ୱାଇଁ, ସଂଗଠକ ଜନ୍ମେଜୟ ନାୟକ, ପରୀକ୍ଷିତ ମାଝୀ, ରବୀନ୍ଦ୍ର ଦ୍ୱାରି, ପ୍ରମୋଦ ଦ୍ୱାରି, ଚରଣ ଗିରୁ, ପୂର୍ଣ୍ଣଚନ୍ଦ୍ର ନାୟକ, ଭଗବାନ ମୁଦୁଲି, ନିଧି ମୁଦୁଲି, ସୁରେନ୍ଦ୍ର ନାୟକ, ବୈକୁଣ୍ଠ ମାଝୀ, ଦାସରଥୀ ସାହୁ, ଶିବ ପରିଡ଼ା, ପିଣ୍ଟୁ ସାହୁ, ରବୀନ୍ଦ୍ର ଯାନୀ, ସୁବାଷ ପ୍ରଧାନ, ଈଶ୍ୱର ପ୍ରଧାନ, ଈଶ୍ୱର ପ୍ରଧାନ, ରାଜକିଶୋର ପ୍ରଧାନ, ବିକ୍ରମ ପ୍ରଧାନ, ସହଦେବ ଦଳବେହେରା, ଶରତ ନାୟକଙ୍କ ସମେତ ବହୁ ସଂଖ୍ୟାରେ ଛାମୁଆ କର୍ମୀ, ମହିଳା ଓ ଯୁବକମାନେ ଯୋଗଦେଇ ଲୋକଙ୍କୁ ସଚେତନ କରାଇଥିଲେ। ଏତତ୍ ବ୍ୟତୀତ ଆସନ୍ତା ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କୁ ପୁଣିଥରେ ଷଷ୍ଠ ଥର ପାଇଁ କ୍ଷମତାସୀନ କରିବାକୁ ଲୋକଙ୍କ ସହଯୋଗ କାମନା କରିଥିଲେ।




## ମହାସମାରୋହରେ ଇଦ୍-ଉଲ୍ ଫିତର୍ ପାଳିତ



**ନୟାଗଡ଼, ୧୧।୪(ସମିସ):** ଇସଲାମ ଧର୍ମାବଲମ୍ବୀଙ୍କ ସବୁଠାରୁ ବଡ଼ ପବିତ୍ର ପର୍ବ ଇଦୁଲ୍ ଫିତର୍ ପାଳିତ ହୋଇଯାଇଛି। ସିନ୍ଦୂରିଆ ସ୍ଥିତ ଇଦଗାହ ଠାରେ ଜିଲ୍ଲାସ୍ତରୀୟ ଇଦ୍-ଉଲ୍ ଫିତଲ ପର୍ବ ମଉଲାନା ଜଲାଲୁଦ୍ଦି ଖାଁ ମିଫତାହୀଙ୍କ ଇମାମତ୍ ଅର୍ଥାତ୍ ନେତୃତ୍ୱରେ ପୂର୍ବାହ୍ନ ନଅ ଘଣ୍ଟା ସମୟେ ପାଳନ ହୋଇଯାଇଛି। ସିନ୍ଦୁରିଆ ତଥା ଜିଲ୍ଲାର ହଜାର ହଜାର ଶ୍ରଦ୍ଧାଳୁ ସ୍ଥାନୀୟ ଇଦଗାହ୍ ଠାରେ ଏକତ୍ରିତ ହୋଇ ଇଦ୍ ନମାଜ ପଢ଼ିଥିଲେ। ସମାରୋହରେ ଅନେକ ହିନ୍ଦୁଭାଇ ତଥା ଅନ୍ୟ ଧର୍ମାବଲମ୍ବୀ ଅଧିବାସୀ ଇଦଗାହ୍ ଠାରେ ଏକତ୍ରିତ ହୋଇ ମୁସଲିମ ଭାଇମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ନୟାଗଡ଼ର ବିଧାୟକ ଡ. ଅରୁଣ କୁମାର ସାହୁ, ନୟାଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶୋର ସାହୁ ଓ ସମାଜସେବୀ ଶ୍ରୀକାନ୍ତ ଖଟେଇ ପ୍ରମୁଖ ସାମୂହିକ ନମାଜ ପାଠରେ ସାମିଲ ହୋଇ ସଭିଙ୍କୁ ଅଭିନନ୍ଦନ ଜଣାଇଥିଲେ। ଇସଲାମିକ କ୍ୟାଲେଣ୍ଡର ବର୍ଷର ରମଜାନ ମାସ ହେଉଛି ପବିତ୍ର ମାସ। ଏହି ମାସର ଆରମ୍ଭରେ ଚନ୍ଦ୍ର ଦର୍ଶନ କରି ମୁସଲିମ ଭାଇ ଭଉଣୀମାନେ ରୋଜା ତଥା ଉପବାସ ରଖନ୍ତି। ରାତିରେ ସାମୂହିକ ତରାୱୀ ନମାଜ ପାଠ କରାଯାଏ। ମାସ ତମାମ ପୁଣ୍ୟ ଅର୍ଜନ କରିବା ସହିତ ଅସହାୟମାନଙ୍କୁ ଜାତି, ଧର୍ମ, ଓ ବର୍ଣ୍ଣ ନିର୍ବିଶେଷରେ ଦାନ ଧର୍ମ କରନ୍ତି। ରମଜାନ ମାସ ଶେଷ ଦିନର ସନ୍ଧ୍ୟାରେ ଚନ୍ଦ୍ର ଦର୍ଶନ ପରେ ମାସବ୍ୟାପି ରୋଜା ବା ଉପବାସ ଭାଙ୍ଗ କରାଯାଇ ତା ପରଦିନ ଇଦ୍ ପର୍ବ ପାଳନ କରାଯାଏ। ଆଜିର ଇଦ୍ ନମାଜ ଅବସରରେ ସମଗ୍ର ବିଶ୍ୱରେ ଶାନ୍ତି, ମୈତ୍ରୀ, ଭାଇଚାରା ଓ ସଦଭାବନା ପାଇଁ ପ୍ରାର୍ଥନା କରାଯାଇଥିଲା। ନମାଜ ପାଠ ଶେଷରେ ମୁସଲିମମାନେ ପରସ୍ପରକୁ ଆଲିଙ୍ଗନ ସହିତ କରମର୍ଦ୍ଦନ କରି ଶୁଭେଚ୍ଛା ଜଣାଇଥାନ୍ତି।





## ୧୭ ପରିବାର ବିଜେଡିରେ ସାମିଲ

**ନୟାଗଡ଼, ୧୧।୪(ସମିସ):** ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ୧୭ ପରିବାର ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ବିରୋଧୀଙ୍କୁ ଆକର୍ଷିତ କରୁଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ବିକାଶ ମୂଳକ କାର୍ଯ୍ୟ ସହିତ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଉଦ୍ୟମକୁ ଲକ୍ଷ କରି ବିରୋଧୀ ବିଜେଡିରେ ସାମିଲ ହେବାରେ ଲାଗିଛନ୍ତି। ଯେଉଁଥି ପାଇଁ ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ବିରୋଧି ଶକ୍ତିହୀନ ହୋଇପଡୁଛନ୍ତି। ବିଜେଡି କାର୍ଯ୍ୟାଳୟଠାରେ ବାଲୁଗାଁ ଗ୍ରାମ ପଞ୍ଚାୟତର ୧୭ ଜଣ ଆଗ ଧାଡିର ବିରୋଧୀ ପରିବାର ବିଜେଡିରେ ସାମିଲ ହୋଇଛନ୍ତି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ସେମାନଙ୍କୁ ସ୍ୱାଗତ କରିଥିବା ବେଳେ ବିଜେଡି ନେତ୍ରୀ ତଥା ନୟାଗଡ଼ ଜିଲ୍ଲା ସହ ପର୍ଯ୍ୟବେକ୍ଷକ ଇରାନୀ ରାୟ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ, ବିଜେଡି ନେତା ଶିବଶଙ୍କର ମହାନ୍ତି ଓ ଲକ୍ଷ୍ମୀପ୍ରସାଦ ସରପଞ୍ଚ ନିରଞ୍ଜନ ବିଧାର ପ୍ରମୁଖ ଉପସ୍ଥିତ ରହିଥିଲେ। ବିରୋଧୀ ଦଳର ପ୍ରମୁଖ ନେତାମାନେ ହେଲେ କେଶବ ଦଳବେହେରା, ପ୍ରକାଶ ଚନ୍ଦର ସାହୁ, ପୂର୍ଣ୍ଣଚନ୍ଦ୍ର ଦଳବେହେରା, ହୃଷିକେଶ ଦଳବେହେରା, ଟଙ୍କଧର ଦଳବେହେରା, ପ୍ରଭାତ କୁମାର ଜେନା, ଦିବାକର ଗଡ୍ଡୁ, ଅଚ୍ୟୁତ ବେହେରା, କୈଳାସ ନାୟକ, ଲକ୍ଷ୍ମୀଧର ନାୟକ, ବିନୋଦ କୁମାର ପ୍ରଧାନ, ଅକ୍ରୁର ପ୍ରଧାନ, କାବୁଲି ପ୍ରଧାନ, ଦାଶରଥି ଡାକୁଆ, ଧନେଶ୍ୱର ନାୟକ, ଟିମା ନାୟକ ଓ ବୁବୁଲୁ ସ୍ୱାଇଁ ପ୍ରମୁଖ ବିଜେଡିରେ ଯୋଗ ଦେଇଛନ୍ତି। ଆଗାମୀ ଦିନରେ ବିଜୁ ଜନତା ଦଳକୁ ଶକ୍ତିଶାଳୀ କରିବେ ବୋଲି ପ୍ରକାଶ କରିଛନ୍ତି।

## ଯୁବ ସାମ୍ବାଦିକ ରାଜୀବଙ୍କ ବିୟୋଗରେ ଶୋକ



**ଖଣ୍ଡପଡ଼ା, ୧୧।୪(ସମିସ):** ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋର 'ସକାଳ' ପ୍ରତିନିଧି ତଥା ନୀଳମାଧବ ପୂଜକ ସଂଘର ପୂର୍ବତନ ସଭାପତି ରାଜୀବ କୁମାର ମିଶ୍ରଙ୍କ ଗୁରୁବାର ବିଳମ୍ବିତ ରାତ୍ରରେ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି। ଦୀର୍ଘଦିନ ଧରି ସେ କର୍କଟ ରୋଗରେ ପୀଡିତ ଥାଇ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହେଉଥିବା ବେଳେ ସ୍ୱାସ୍ଥ୍ୟବସ୍ଥାରେ ପରିବର୍ତ୍ତନ ହୋଇନଥିଲା। ତେବେ ବୁଧବାର ସେ କେମୋ ନେଇ କଣ୍ଟିଲୋସ୍ଥିତ ନିଜ ବାସଭବନକୁ ଫେରିଥିଲେ। ଗତ କିଛି ମାସ ହେଲା ସେ କୌଣସି ଖାଦ୍ୟ ପଦାର୍ଥ ନଖାଇବା ଦ୍ୱାରା ଅତ୍ୟନ୍ତ ଦୁର୍ବଳ ହେବା ସହ ମରଣ ସହିତ ସଂଘର୍ଷ କରିଥିଲେ। ଗୁରୁବାର ବିଳମ୍ବିତ ରାତ୍ରରେ ହଠାତ ସ୍ୱାସ୍ଥ୍ୟବସ୍ଥା ଅବନତି ଘଟିବାରୁ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ଖଣ୍ଡପଡ଼ା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ମୃତ୍ୟୁ ଖବର ଶୁଣି ବହୁ ସାମ୍ବାଦିକ ଓ ଜନ ପ୍ରତିନିଧିମାନେ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ତେବେ ଶବ ବ୍ୟବଚ୍ଛେଦ ପରେ କଣ୍ଟିଲୋ ପୁଲିସ ତାଙ୍କ ପରିବାର ଲୋକଙ୍କୁ ମୃତ ଦେହ ହସ୍ତାନ୍ତର କରିଥିଲେ। ଏକ ଶୋକାକୁଳ ପରିବେଶ ମଧ୍ୟରେ ଗ୍ରାମ ସ୍ମଶାନରେ ଶବଦାହ ହୋଇଥିବା ବେଳେ ତାଙ୍କ ସାନଭାଇ ମୁଖାଗ୍ନି ଦେଇଥିଲେ। ମୃତ ରାଜୀବଙ୍କର ଗୋଟିଏ ୪ବର୍ଷର ଝିଅ ଥିବା ସୂଚନା ମିଳିଛି। ତେବେ ଏନେଇ ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ସମସ୍ତ ସାମ୍ବାଦିକମାନେ ଉପସ୍ଥିତ ରହି ମୃତ ରାଜୀବଙ୍କ ଉଦ୍ଦେଶ୍ୟରେ ଶୋକସଭାର ଆୟୋଜନ କରିଥିଲେ।

### ଛେନାପୋଡ଼ ଦିବସ ପାଳିତ

# ଛେନାପୋଡ଼କୁ ନିଶ୍ଚିତ ମିଳିବ ଜିଆଇ ମାନ୍ୟତା

**ନୟାଗଡ଼, ୧୧।୪(ସମିସ):**



> ରଘୁନାଥ ସୁଇଟସ୍ ପ୍ରଥମ, ଶ୍ରୀ ଜଗନ୍ନାଥ ହୋଟେଲ ଦ୍ୱିତୀୟ

ନୟାଗଡ଼ର ଅଗ୍ରଣୀ ଅନୁଷ୍ଠାନ ନୟାଗଡ଼ ହେଲ୍ପିଂ ହାଣ୍ଡ ଫାଉଣ୍ଡେସନ ତରଫରୁ ଦୁର୍ଗା ମଣ୍ଡପଠାରେ ଛେନାପୋଡ଼ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସହ ପର୍ଯ୍ୟବେକ୍ଷକ ଇରାନୀ ରାୟ, ନୟାଗଡ଼ ପୌରାଧକ୍ଷା ନିରୁପମା ଖଟେଇ, ଅଲ୍ ଓଡ଼ିଶା ହୋଟେଲ ଆସୋସିଏସନ୍ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀନିବାସ ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। ପୌରାଧକ୍ଷା ନିରୁପମା ଖଟେଇ ଅଧ୍ୟକ୍ଷତା କରିଥିଲେ। ଛେନାପୋଡ଼ ଦଶପଲ୍ଲାରେ ହେଉ କି ନୟାଗଡ଼ରେ। ନୟାଗଡ଼ ଜିଲାରେ ହିଁ ଏହା ହୋଇଛି। ତେଣୁ ଏହାକୁ ଜିଆଇ ଟ୍ୟାଗ୍ ମିଳିବା ସୁନିଶ୍ଚିତ। ନୟାଗଡ଼ର ଗୌରବ ଏବେ ସେଲିବ୍ରେସନର ମାଧ୍ୟମ ସାଜିଛି। ସୋସିଆଲ ମିଡିଆରେ ଆଜି ଛେନାପୋଡ଼ ଅଧିକ ଦେଖିବାକୁ ମିଳିଛି। ୨୦ ଲକ୍ଷ ଟଙ୍କାରେ ମାଛିପଡ଼ାରେ ଛେନାପୋଡ଼ ୟୁନିଟ୍ ତିଆରି ହୋଇଛି। ଦାର୍ଜିଲିଂ ଚାହା ପ୍ରଥମେ ଜିଆଇ ଟ୍ୟାଗ୍ ମାନ୍ୟତା ପାଇଥିଲା। ସେହିଭଳି ଛେନାପୋଡ଼ ମଧ୍ୟ ଏହି ରେସରେ ରହିଛି ବୋଲି ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ସାହୁ ବକ୍ତବ୍ୟ ରଖିଥିଲେ। ଅତିଥି ଭାବେ ଅଲ୍ ଇଣ୍ଡିଆ ହୋଟେଲ ଆସୋସିଏସନ୍ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀନିବାସ ସୁବୁଦ୍ଧି କହିଥିଲେ। ନୟାଗଡ଼ରେ ପ୍ରତିଦିନ ୨ରୁ ୩ ଟନ୍ ଛେନାପୋଡ଼ ପ୍ରସ୍ତୁତ ହେଉଛି। ଛେନାପୋଡ଼ର ମାନ ବଜାୟ ରହିଲେ ଏହାର ବଜାର ଅଧିକ ବିସ୍ତୃତ ହେବ ବୋଲି କହିଥିଲେ। ନେତ୍ରୀ ଇରାନୀ ରାୟ ଛେନାପୋଡ଼କୁ ଜିଆଇ ଟ୍ୟାଗ ପ୍ରଦାନ କରିବା ନେଇ ଦାବି ରଖିଥିଲେ। ଏହି ଅବସରରେ ଛେନାପୋଡ଼କୁ ନେଇ ଏକ ପ୍ରତିଯୋଗିତା ହୋଇଥିଲା। ୧୪ ଟି ଛେନାପୋଡ଼ ଏଥିରେ ଭାଗ ନେଇଥିବା ବେଳେ ରାଧାକୃଷ୍ଣ ସୁଇଟସ ପକ୍ଷରୁ ଅଣାଯାଇଥିବା ଚିନି ଓ ଗୁଡ ଛେନାପୋଡ ପ୍ରଥମ ହୋଇଥିଲା। ଶ୍ରୀ ଜଗନ୍ନାଥ ହୋଟେଲ ଦ୍ୱିତୀୟ ଏବଂ ମାଛିପଡ଼ା ଛେନାପୋଡ଼ ସଂଘ ତୃତୀୟ ହୋଇଥିଲା। ବିଚାରକ ଭାବେ ସାମ୍ବାଦିକ ଅନିଲ କୁମାର ପଣ୍ଡା, ଅଲ୍ ଓଡ଼ିଶା ହୋଟେଲ ଅସୋସିଏସନ୍ ଡ. ଶ୍ରୀନିବାସ ସୁବୁଦ୍ଧି, ସାମ୍ବାଦିକ ରଜତ ପଟ୍ଟନାୟକ ଯୋଗ ଦେଇଥିଲେ। କାରିଗର ଧନେଶ୍ୱର ବେହେରା ୧୭ କିଲୋ ଛେନାପୋଡ଼ ପ୍ରଦାନ କରିଥିବା ବେଳେ ତାହାକୁ ମଞ୍ଚରେ ଅତିଥି ମାନେ ମିଳିତ ଭାବେ କାଟି ଖୁସି ମନାଇଥିଲେ। ଶେଷରେ ହେଲପିଂ ହ୍ୟାଣ୍ଡ ସଂଗଠନର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମକୁ ହେଲ୍ପିଂ ହାଣ୍ଡ ସଦସ୍ୟ ବିଭୂତି ଭୂଷଣ ମହାନ୍ତି, ଚିନ୍ମୟ ମହାପାତ୍ର, ରଘୁନାଥ ପ୍ରଧାନ, ବିଭୂତି ଭୂଷଣ ସାହୁ, ବିଶ୍ୱଜିତ ସୁବୁଦ୍ଧି, ସତ୍ୟବ୍ରତ ପଟ୍ଟନାୟକ, ଆଦିଲ ଉର୍ଜ୍ଜମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନାବାଳିକାକୁ ଅପହରଣ ମାମଲାରେ ଯୁବକ ଗିରଫ

**ଓଡ଼ଗାଁ, ୧୧।୪(ସମିସ):** ଓଡ଼ଗାଁ ଥାନା ବାହାଝୋଲା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ ମାମଲାରେ ପୁଲିସ ଯୁବକଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ବାହାଡ଼ାଝୋଲା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀ ଟ୍ୟୁସନରୁ ଘରକୁ ଫେରୁଥିବା ସମୟରେ ନୟାଗଡ଼ ସଦର ଥାନା ଗମେଇ ଗ୍ରାମର ଯୁବକ ଓମ୍ ପ୍ରକାଶ ନାୟକ ତାଙ୍କୁ ଏକ କାର୍‌ରେ ଅପହରଣ କରି ନେଇଥିଲା। ଏହି ଖବର ନାବାଳିକାର ପରିବାର ଲୋକେ ଜାଣିବା ପରେ ୧୧୨ ସହାୟତାରେ ପୁଲିସକୁ ଖବର ଦେଇଥିଲେ। ପୁଲିସ ମୋବାଇଲ୍ ଟ୍ରାକ କରି ଅପହରଣକାରୀ ନୟାଗଡ଼ରୁ ଭୁବନେଶ୍ୱର ଏବଂ ସେଠାରୁ କଟକ ରେଲୱେ ଷ୍ଟେସନ ଯାଉଥିବା ଜାଣିବାକୁ ପାଇଥିଲେ।ପୁଲିସ ପିଛା କରି ଟ୍ରେନକୁ ଅପେକ୍ଷା କରିଥିବା ସମୟରେ ଅପହରଣକାରୀକୁ ଧରିନେବା ସହିତ ନାବାଳିକାକୁ ଉଦ୍ଧାର କରି ଓଡ଼ଗାଁ ଥାନାକୁ ଆଣିଥିବା ଜଣାପଡ଼ିଛି। ଏନେଇ ପୁଲିସ ଅପହରଣ ମାମଲାରେ ଯୁବକକୁ ଗିରଫ କରି ତଦନ୍ତ କରୁଥିବା ଫାଣ୍ଡି ଅଧିକାରୀ ଭୀମସେନ ମଲ୍ଲିକ ସୂଚନା ଦେଇଛନ୍ତି।

# ବିଜେପିରୁ ଇସ୍ତଫା ଦେଲେ ବ୍ରହ୍ମଗିରି ମଣ୍ଡଳ ସଭାପତି

**ପୁରୀ, ୧୧।୪(ସମିସ):** ଭାରତୀୟ ଜନତା ପାର୍ଟିରୁ ଇସ୍ତଫା ଦେଇଛନ୍ତି ବ୍ରହ୍ମଗିରି ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ରାୟ। ଗୁରୁବାର ସେ ତାଙ୍କ ଇସ୍ତଫା ପତ୍ର ପୁରୀ ଜିଲ୍ଲା ସଭାପତିଙ୍କ ପାଖକୁ ପଠାଇଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଧାନସଭା ପାଇଁ ମନୋନୀତ ହୋଇଥିବା ଦଳୀୟ ପ୍ରାର୍ଥିନୀଙ୍କ କାର୍ଯ୍ୟକଳାପ ଓ ବ୍ୟବହାର ଅତିଷ୍ଠ ହେଲା। ତେଣୁ ସେ ଦଳର ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଉଛନ୍ତି। ତାଙ୍କ ଦରଖାସ୍ତଟିକୁ ଗ୍ରହଣ କରି ସ୍ୱୀକୃତି ପ୍ରଦାନ କରିବାରୁ ଶ୍ରୀ ରାୟ ଜିଲ୍ଲା ସଭାପତିଙ୍କୁ ଅନୁରୋଧ କରିଛନ୍ତି। ଅପରପକ୍ଷେ ଗୁରୁବାର ମଧ୍ୟ ଶ୍ରୀ ରାୟଙ୍କୁ ବିଜେପି ରାଜ୍ୟ ସଭାପତି ପ୍ରାଥମିକ ସଦସ୍ୟରୁ ବହିଷ୍କାର କରିଥିବା ନେଇ ଏକ ପତ୍ର ନଜରକୁ ଆସିଛି। ଏଥିରେ ରାଜ୍ୟ ସଭାପତି ମନମୋହନ ସାମଲ ବ୍ରହ୍ମଗିରି ମଣ୍ଡଳ ବିଜେପି ସଭାପତି ଶ୍ରୀ ରାୟଙ୍କୁ ଲେଖିଛନ୍ତି ଯେ, ଦଳବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା କାରଣରୁ ଦଳର ପ୍ରାଥମିକ ସଦସ୍ୟରୁ ବହିଷ୍କାର କରାଯାଉଛି। ତେବେ ଏହାକୁ ନେଇ କର୍ମୀଙ୍କ ମହଲରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଯେହେତୁ ଗୋଟିଏ ତାରିଖରେ ଦୁଇଟି ଚିଠି ସାମ୍ନାକୁ ଆସୁଛି ତେଣୁ ଶ୍ରୀ ରାୟ ପ୍ରଥମେ ଇସ୍ତଫା ଦେଇଛନ୍ତି ନା ତାଙ୍କୁ ପ୍ରଥମେ ବହିଷ୍କାର କରାଯାଇଛି ତାହା ଏବେ ଅସ୍ପଷ୍ଟ ରହିଛି।

# ଗୌଡ଼ପୁଟରେ ବାଲାଜୀ ମହାବୀରଙ୍କ ବାର୍ଷିକ ଉତ୍ସବ



**ଖୋର୍ଦ୍ଧା, ୧୧।୪(ସମିସ):** ଖୋର୍ଦ୍ଧା ବ୍ଲକ ଅଧିନ ଗୌଡ଼ପୁଟ ଗ୍ରାମବାସୀଙ୍କ ସହଯୋଗରେ ପ୍ରତିଷ୍ଠା ହୋଇଥିବା ଶ୍ରୀ ସଙ୍କଟମୋଚନ ବାଲାଜୀ ମହାବୀରଙ୍କ ପ୍ରଥମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ଯଜ୍ଞ ଲାଗି କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୁଧବାର ଶୁଭ ଅଙ୍କୁରାରୋପଣ ହୋଇଥିବା ବେଳେ ଗୁରୁବାର ଗ୍ରାମର ଶତାଧିକ ମାନସିକଧାରୀ ଏକତ୍ର ହୋଇ ବାଘମାରି ବଡ଼ ଜୋର ନଈରୁ ପୂର୍ଣ୍ଣକୁମ୍ଭ ସହିତ କଳସ ଶୋଭାଯାତ୍ରାରେ ପ୍ରାୟ ୩ କିଲୋମିଟର ଦୂର ଚାଲି ଚାଲି ଗୌଡ଼ପୁଟ ଠାରେ ଥିବା ବାଲାଜୀ ମନ୍ଦିରକୁ ଆସିଥିଲେ। ସେଠାରେ ଯଜ୍ଞସ୍ଥଳରେ ପୂର୍ଣ୍ଣକୁମ୍ଭ ସ୍ଥାପନା କରାଯାଇଥିଲା। ପରେ ଯଜ୍ଞଶାଳରେ ସୁନ୍ଦରକାଣ୍ଡ ଓ ଅନ୍ୟାନ୍ୟ ପୂଜା କରାଯାଇଥିଲା। ସେହିପରି ୧୨ ରେ ସୂର୍ଯ୍ୟପୂଜା, ଶାଳା ପୂଜା, ଅଗ୍ନି ସ୍ଥାପନ, ଆହୁତି ପ୍ରଦାନ, ସାନ୍ଧ୍ୟ ପ୍ରବଚନ ହେବ। ସେହିପରି ୧୩ ତାରିଖ ରେ ସୂର୍ଯ୍ୟପୂଜା, ହନୁମାନ ଚାଲିସା ସହିତ ରାତ୍ର ୭ ଟା ରେ ଭଜନ ସମାରୋହ କରାଯିବ। ଆଜିର ଏହି ପ୍ରଥମ ବାର୍ଷିକ ଉତ୍ସବ ର କଳସ ଶୋଭାଯାତ୍ରାକୁ ଗ୍ରାମବାସୀ ଶାନ୍ତି ଶୃଙ୍ଖଳା ସହିତ ସମାପନା କରିଥିବା ବେଳେ ସଙ୍କଟମୋଚନ ବାଲାଜି ମହାବୀରଙ୍କ ଏହି ଦିବ୍ୟ କାର୍ଯ୍ୟକ୍ରମ ରେ ବହୁ ସଂଖ୍ୟାରେ ଯୋଗଦେବାକୁ ଗ୍ରାମବାସୀଙ୍କ ସହିତ ସଭାପତି ପ୍ରଫୁଲ ପାଇକରାୟ, ଉପସଭାପତି ଅର୍ଜୁନ ପ୍ରଧାନ, ଅନୁରୂଦ୍ଧ ବରାଳ, ସଞ୍ଜୟ କୁମାର ବରାଳ, ଧନେଶ୍ୱର ସାହୁ, ବଳରାମ ପାଇକରାୟ, ଭରତ ଚନ୍ଦ୍ର ସାମନ୍ତସିଂହାର, ବିଜୟ କୁମାର ବରାଳ, ବିଷ୍ଣୁ ରଞ୍ଜନ ବରାଳ ପ୍ରମୁଖ ଅନୁରୋଧ କରିଛନ୍ତି।

## ଭଡ଼ାଘରେ ଚାଲିଛି ଦୁଇ ପୁରୁଣା ଡାକଘର

# କର୍ମଚାରୀ ଅଭାବ ;ଲୋକଙ୍କୁ ମିଳୁନି ସେବା

**ବାଲୁଗାଁ, ୧୧।୪ (ସମିସ)**

ଡ଼ାକ ବିଭାଗ କେନ୍ଦ୍ର ସରକାରଙ୍କ ସର୍ବପୁରାତନ ତଥା ବୃହତ ଓ ନଗଦ କାରବାର ସଂସ୍ଥା ଅଟେ। ବର୍ତ୍ତମାନ ସରକାରୀ ଚିଠି, ପାର୍ସଲ ଆଦି ଡ଼ାକ ମାଧ୍ୟମରେ ଚାଲୁଅଛି। ଏହା ଛଡ଼ା କେନ୍ଦ୍ର ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀମାନେ ଡ଼ାକଘର ଜରିଆରେ ପେନସନ ପାଉଛନ୍ତି। ଡ଼ାକବୀମା, ସୁକନ୍ୟା ଯୋଜନା, ଜାତୀୟ ଡ଼ାକ ଘର ସଞ୍ଚୟ ଯୋଜନା ପରି ଅନେକ ଯୋଜନା କାର୍ଯ୍ୟକ୍ରମକୁ କେନ୍ଦ୍ର ସରକାର ଡ଼ାକ ଘର ମାଧ୍ୟମରେ ହାତକୁ ନେଇଛନ୍ତି। ତେବେ ବିଭାଗିୟ ଅବହେଳା ଯୋଗୁଁ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ମୁଖ୍ୟ ଡ଼ାକଘର ଓ ବଜାରର ନିଜସ୍ୱ ଗୃହ ନଥିବା ବେଳେ ଏକ ଘରର ଦ୍ୱିତୀୟ ମହଲାରେ ଦୀର୍ଘ ବର୍ଷ ହେଲା ଭଡାରେ ଚାଲିଛି। ତତ୍ ସହିତ ବଜାରରେ ଚାଲିଥିବା ଡ଼ାକ ଘର ଅନ୍ୟ ଏକ ଶାଖା ଯାହା ମଧ୍ୟ ଉପର ମହଲାରେ ଭଡା ଘରରେ ଚାଲିଛି। ଉପର ମହଲାରେ ଡାକ ସେବା ଚାଲିଥିବାରୁ ଜନସାଧାରଣ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। କାର୍ଯ୍ୟରତ ପୋଷ୍ଟମାଷ୍ଟର ଓ ଡ଼ାକ ବିଭାଗ ଭୁବନେଶ୍ୱର ଖଣ୍ଡ ବରିଷ୍ଠ ଅଧୀକ୍ଷକଙ୍କ ଅଦୂରଦର୍ଶୀତା ହେତୁ ଏକ ଘରର ଉପର ମହଲା ଭଡ଼ାଘରେ




ଡ଼ାକ ସେବା ଚାଲିଛି। ଯାହାଫଳରେ ପେନସନ ପାଇଁ ଆସୁଥିବା ବୃଦ୍ଧ ବୃଦ୍ଧା ତଥା ବରିଷ୍ଠ ନାଗରିକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଓଡ଼ିଶା ମାନଚିତ୍ରରେ ବାଲୁଗାଁ ଏକ ପର୍ଯ୍ୟଟନ ଓ ବାଣିଜ୍ୟ କେନ୍ଦ୍ର ଭାବେ ରାଜ୍ୟରେ ପ୍ରସିଦ୍ଧ ଲାଭ କରିଛି। ଗୋପିନାଥପୁର ଛକକୁ ଦୁଇ ମହଲା ବିଶିଷ୍ଟ ଘରର ଉପର ମହଲା ଘରେ ଭଡାରେ ବାଲୁଗାଁ ମୁଖ୍ୟ ଡ଼ାକ ଘର ସେବା ଚାଲିଛି। ସେହିପରି ବାଲୁଗାଁ ବଜାରରେ ଡ଼ାକଘର ଅନ୍ୟ ଏକ ଶାଖା ଯାହା ମଧ୍ୟ ଏକ କୋଠାର ଉପର ମହଲାରେ ଭଡା ଘରରେ ଚାଲିଛି। ବରିଷ୍ଠ ନାଗରିକ ମାନେ ତଥା ପେନସନ ଉପୋଭକ୍ତା ଓ ଭିନ୍ନକ୍ଷମ ଲୋକମାନେ ଉପର ମହଲା ଡାକ ଘରକୁ ଏକ ଲମ୍ବା ଅଣଓସାରିଆ ସିଡ଼ିରେ ଚଢ଼ି ଯିବା ନିମନ୍ତେ ବହୁତ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। ସେଥିପାଇଁ ଡାକ ସେବା ପାଇବା ପାଇଁ ଉପର ମହଲାକୁ ଯିବା ପାଇଁ ଅନ୍ୟ କାହାର ସାହାରା ନେବାକୁ ପଡୁଛି। ଦୀର୍ଘ ବର୍ଷ ବର୍ଷ ଧରି ଏହି ଡ଼ାକଘର ଚାଲିଛି।ଅଣ ଓସାରିଆ ବିପଦବୂର୍ଣ୍ଣ ଲୁହା ପ୍ଲେଟରେ ତିଆରି ସିଡ଼ିରେ ୨ରୁ ୩ ଜଣ ହୋଇଗଲେ ବୁଲିବାକୁ ଯାଗା ନାହିଁ। ଅଭିଯୋଗ ଶୁଣିବାକୁ କେହି ନାହାନ୍ତି। ମୁଖ୍ୟ ଡାକ ଘର ଓ ବଜାର ଡାକ ଘରରେ ମାତ୍ର ଦୁଇରୁ ତିନି ଜଣ କର୍ମଚାରୀଙ୍କୁ ନେଇ ଚାଲିଥିବା ବେଳେ ପାନୀୟ ଜଳ ଏବଂ ତିନି ଜଣରୁ ଅଧିକା ଲୋକଙ୍କ ବସିବା ଲାଗି ସୁବ୍ୟବସ୍ଥା ନଥିବା ସହ କର୍ମଚାରୀ ଅଭାବ ଯୋଗୁ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି। ବିଶେଷ କରି ବରିଷ୍ଠ ନାଗରିକ ମାନଙ୍କ ଲାଗି କୌଣସି ସୁ ବ୍ୟବସ୍ଥା ଉପଲବ୍ଧ ନାହିଁ। ଅଞ୍ଚଳବାସୀଙ୍କ ସୁବୁଧାକୁ ଦୃଷ୍ଟିରେ ରଖି ବାଲୁଗାଁ ମୁଖ୍ୟ ଡାକ ଘର ଓ ବଜାର ଡାକ ଘର ନିମନ୍ତେ ସରକାରି ଜମିରେ ଯଥାଶିଘ୍ର ନିଜସ୍ୱ ଗୃହ ନିର୍ମାଣ କରିବା ସହ ଗୃହ ନିର୍ମାଣ ହେବା ପର୍ଯ୍ୟନ୍ତ ଏକ ତଳ ମହଲା ଘରେ ଡାକ ସେବା ଯୋଗାଇ ଦେବା ଓ ସମସ୍ତ ଆନୁସାଙ୍ଗିକ ସୁବିଧା ଯୋଗାଇ ଦେବା ପାଇଁ ଡାକ ବିଭାଗର ବରିଷ୍ଠ ଅଧିକାରୀ ଦୃଷ୍ଟି ଦେବାକୁ ବାଲୁଗାଁ ଅଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଦୃଢ ଦାବୀ ହେଉଛି।

# ଦେଶୀ ମଦ ଜବତ; ମହିଳା ଗିରଫ

**ବାଲୁଗାଁ, ୧୧।୪(ସମିସ) :** ବାଲୁଗାଁ ବାଣପୁର ଅଞ୍ଚଳରେ ମଦ ବିକ୍ରି ହେଉଥିବା ଏକ ଆଡାସ୍ଥଳ ଉପରେ ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଚଢଉ କରାଯାଇ ୯୦ ଲିଟର ବେଆଇନ ଚୋରା ମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଜଣେ ମହିଳାକୁ ଗିରଫ କରିଥିବା ବେଳେ ମୁଖ୍ୟ ମଦ ବେପାରୀ ଘଟଣା ସ୍ଥଳରୁ ଖସି ପଳାଇ ବାରେ ସକ୍ଷମ ହୋଇଛି। ଗିରଫ ମହିଳା ବାଲୁଗାଁ ନିକଟସ୍ଥ ଚନ୍ଦ୍ରାପୁଟ ଗ୍ରାମର ଛବି ବେହେରା। ସୂଚନା ମୁତାବିକ ବାଲୁଗାଁ ଥାନା ଅନ୍ତର୍ଗତ ଚନ୍ଦ୍ରାପୁଟ ଗ୍ରାମରେ ମାନସ ଦାସ ଚୋରା ମଦ ବିକ୍ରି କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ତେବେ ବେଆଇନ ମଦ କାରବାର ହେଉ ଥିବା ନେଇ ବିଶେଷ ସୂତ୍ରରୁ ଖବରପାଇ ଗୁରବାର ସକାଳେ ବାଲୁଗାଁ ଅବକାରୀ ବିଭାଗର କର୍ମଚାରୀମାନେ ସଦଳବଳେ ଚନ୍ଦ୍ରାପୁଟଗ୍ରାମସ୍ଥିତ ବେଆଇନ ମଦ ଆଡା ଉପରେ ଚଢଉ କରି ଥିଲେ।ଚଢାଉ ବେଳେ ବେଆଇନ ଭାବେ ଦେଶୀ ମଦ ବିକ୍ରି କରୁଥିବା ମାନସର ସ୍ତ୍ରୀ ଛବି ବେହେରାକୁ ଗିରଫ କରି ତା ନିକଟରୁ ୯୦ ଲିଟର ଚୋରା ଦେଶୀ ମଦ ଜବତ କରି ଥିବା ବେଳେ କୌଶଳକ୍ରମେ ମାନସ ସେଠାରୁ ଖସି ପଳାଇବାରେ ସକ୍ଷମ ହୋଇଥିଲା। ଏନେଇ ଅବକାରୀ ବିଭାଗ କେଶ୍ ନଂ ୫/୨୪ ରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତ ମହିଳାକୁ କୋର୍ଟ ଚାଲାଣ କରିଥିବା ନେଇ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ବିଭିନ୍ନ ସ୍ଥାନରେ ଛେନାପୋଡ଼ ଦିବସ ପାଳିତ

**ନୟାଗଡ଼, ୧୧।୪(ସମିସ):** ନୟାଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଛେନାପୋଡ ଦିବସ ପାଳନ କରାଯାଇଛି। ବିଭିନ୍ନ ଅନୁଷ୍ଠାନ, ବିଭିନ୍ନ କ୍ଲବ, ଶିକ୍ଷାନୁଷ୍ଠାନରେ ପାଳିତ ହୋଇଛି। ଶ୍ରୀ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ ହଷ୍ଟେଲ ଛାତ୍ରଛାତ୍ରୀମାନଙ୍କ ଗହଣରେ ବିଶ୍ୱ ଛେନାପୋଡ଼ ଦିବସ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରିୟମ୍ବଦା ଗୁରୁମା, ଅର୍ଚ୍ଚନା ଗୁରୁମା, ଅନ୍ନପୂର୍ଣ୍ଣା ଗୁରୁମା, ଅନିତା ଗୁରୁମା ଓ ରୋଜାଲିନ ଗୁରୁମା ଛେନାପୋଡ଼ର ଉତ୍ପତ୍ତି ବିଷୟରେ ଆଲୋଚନା କରିଥିଲେ। ସମସ୍ତ ହଷ୍ଟେଲ ଛାତ୍ରଛାତ୍ରୀଙ୍କୁ ଛେନାପୋଡ଼ ବଣ୍ଟନ କରାଯାଇଥିଲା।

**ଓଡଗାଁ:** ୧୧ ଏପ୍ରିଲ ବିଶ୍ୱ ଛେନାପୋଡ଼ ଦିବସ ଅବସରରେ ଓଡଗାଁ ସାମ୍ବାଦିକ ସଂଘ ପରିସରରେ ଛେନାପୋଡ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ତହସିଲଦାର ଡ. ମାନସ ରଞ୍ଜନ ଭୋଇ କାର୍ଯ୍ୟକ୍ରମରେ ଯୋଗଦେଇ ଛେନାପୋଡ କାଟି ଆଜିର ଦିନଟି ଆମ ପାଇଁ ଏକ ଗର୍ବର ଦିନ ବୋଲି କହିଥିଲେ। ନୟାଗଡ଼ ଛେନାପୋଡ ଏବେ ସାରା ବିଶ୍ୱରେ ପରିଚୟ ସୃଷ୍ଟି କରିପାରିଛି। ଏହି ଛେନାପୋଡକୁ ଥରେ ଯିଏ ଖାଇଛି ତାର ସ୍ୱାଦରେ ସବୁଦିନ ପାଇଁ ସେ ବାନ୍ଧି ହୋଇ ଯାଇଥାଏ। ଏହି ସ୍ୱାଦିଷ୍ଟ ଦ୍ରବ୍ୟକୁ ପ୍ରଥମେ ଲୋକଲୋଚନକୁ ଆଣିଥିବା କାରିଗର ସୁଦର୍ଶନ ସାହୁଙ୍କ ହାତର ଜାଦୁକରି ସ୍ୱର୍ଶକୁ ସେ ଉଚ୍ଚ ପ୍ରଶଂସା କରିବା ସହିତ ତାଙ୍କ ଯୋଗୁଁ ଆଜି ଓଡ଼ିଆର ନୟାଗଡ଼ ସବୁଠି ପରିଚୟ ସୃଷ୍ଟି କରିପାରିଛି। ଜିଲ୍ଲା କେନ୍ଦ୍ର ସମବାୟ ବିଭାଗ ନିର୍ଦ୍ଦେଶକ ଦିବାକର ନାୟକ ଯୋଗଦେଇ ଛେନାପୋଡର ଚାହିଦା ସବୁଠି ରହିଛି। ବଳକା ଛେନାରୁ ଛେନାପୋଡ କରି ନୟାଗଡ଼କୁ ବିଶ୍ୱରେ ପରିଚୟ ଆଣିଦେଇଥିବାରୁ ସେହି ମହାନ୍ ବ୍ୟକ୍ତିଙ୍କୁ ସାଧୁବାଦ ଜଣାଇଥିଲେ। ସମାଜସେବୀ ସୂର୍ଯ୍ୟ ନାରାୟଣ ଚୌଧୁରୀ, ପ୍ରମୋଦ ପାତ୍ର, ସାମ୍ବାଦିକ ଆଦର୍ଶ ପଟ୍ଟନାୟକ, ଗଣେଶ୍ୱର ସାହୁ, ସାରସ ମିଶ୍ର, ସୁନୀଲ ପଟ୍ଟନାୟକ, ଅର୍ଜ୍ଜୁନ ସାହୁ, ରାମକୃଷ୍ଣ ପରିଡ଼ା, ନାରାୟଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



**ନୂଆଗାଁ:** ନୂଆଗାଁ ବ୍ଲକ ସଦରମହକୁମାରେ ଥିବା ଆଞ୍ଚଳିକ ସାମ୍ବାଦିକ ସଂଘ ତରଫରୁ ଛେନାପୋଡ଼ ଦିବସ ପାଳିତ ହୋଇଯାଇଛି। ସାମ୍ବାଦିକ ସଂଘର ସଭାପତି ଶିବଦତ୍ତ ପାତ୍ରଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ତଥା ଜିଲ୍ଲା ବିଜେଡ଼ି ସଭାପତି ରମେଶ ଚନ୍ଦ୍ର ବେହେରା ଯୋଗଦେଇ ଛେନାପୋଡ଼ କାଟିବା ସହ ଛେନାପୋଡ଼ ପାଳନ ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ଜିଲ୍ଲା ବିଜେଡ଼ି ଉପ ସଭାପତି ଦିଲ୍ଲୀପ କୁମାର ଦଳବେହେରା ସମେତ ସାମ୍ବାଦିକ ହୃଦୟାନନ୍ଦ ସାଶମଲ, ଶୁକେନନ୍ଦୁ ଦାସ, ଦିଲ୍ଲୀପ କୁମାର ଜାନୀ, ପ୍ରଶାନ୍ତ ମହାପାତ୍ର, ଦାଶରଥି ପ୍ରଧାନ, ମାନସ ରଞ୍ଜନ ତ୍ରିପାଠୀ, ଚିନ୍ମୟୀ ପ୍ରଧାନ, ସୁବ୍ରତ ପରିଡ଼ା, ରଶ୍ମୀ ରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ବିପୁଳ ପୋଚ ଓ ମଦ ଜବତ



**ବେଗୁନିଆ, ୧୧।୪(ସମିସ):** ଖୋର୍ଦ୍ଧା ଅବକାରୀ ସଦର ରେଞ୍ଜ ଓ ବେଗୁନିଆ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ଉ କରି ବିପୁଳ ପରିମାଣର ପୋଚ ଓ ମଦ ଜବତ କରିଛି। ଖୋର୍ଦ୍ଧାଜିଲ୍ଲା ସଦର ଅବକାରୀ ରେଞ୍ଜ ନିରୀକ୍ଷକ ସନ୍ତୋଷ କୁମାର ସାହୁ ଓ ବେଗୁନିଆ ଅବକାରୀ ଥାନା ଉପନିରୀକ୍ଷକ ଏନଜାଗିନ ରାଓଙ୍କ ସୂଚନା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ସଦର ରେଞ୍ଜର ବରପଦା ଜଙ୍ଗଲରୁ ୫୨୦୦ ଲିଟର ପୋଚ ଓ ୨୮୦ ଲିଟର ଦେଶୀ ମଦ ସହ ଆବଶ୍ୟକୀୟ ଉପକରଣ ଜବତ କରି ନଷ୍ଟ କରିଛି। ଏଥିରେ ଦେଶୀ ମଦ ବେପାରୀ ଜଣକ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିବା ବେଳେ ବେଗୁନିଆ ଅବକାରୀ ଥାନାରେ କେସ ରୁଜୁ କରି ଘଟଣାର ତଦନ୍ତ କରୁଛି।

# କୂଅରେ ପଡ଼ି ଭଗତାଙ୍କ ମୃତ୍ୟୁ

**କାଳୁପଡ଼ାଘାଟ/ଟାଙ୍ଗୀ, ୧୧।୪(ସମିସ):** ଟାଙ୍ଗୀରେ ଏକ ଅଭାବନିୟ ଦୁଃଖଦ ଘଟଣା ଘଟି ଯାଇଛି। ଜଣେ ଠାକୁରଙ୍କ ଭଗତା କୂଅରେପଡ଼ି ମୃତ୍ୟୁ ବରଣ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଟାଂଗୀ ଗୋବିନ୍ଦପୁର ସାହିର ବିଶ୍ୱନାଥ ବେହେରା (୭୦) ସ୍ନାନ ସାରି ପଣା ସାରିବା ପରେ ମୁଣ୍ଡ କଣ ହେଉଛି ବୋଲି କହି କୂଅ ବେଢ଼ାରେ ବସିଥିଲେ। କେତେବେଳେ ସେ କୂଅକୁ ଗଳିପଡ଼ି ଥିବା କେହି ଜାଣିନଥିବା ତଥା ଠାକୁରଙ୍କ ଜଳତୁଠରେ ତାଙ୍କୁ ଖୋଜାଖୋଜି କରି ପରେ କୂଅରୁ ତାଙ୍କୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ସେ ବାଲୁଙ୍କେଶ୍ୱରଙ୍କ ଭଗତା ଅଟନ୍ତି ତାଙ୍କୁ ଟାଙ୍ଗୀ ଅଗ୍ନିଶମ ବିଭାଗ ସହାୟତାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୁଲିସ ଶବ ଜବତ କରି ଘଟଣାର ତଦନ୍ତ କରୁଛି। ତେବେ ଏଭଳି ଦୁଃଖଦ ଘଟଣା ପ୍ରଚାରିତ ହେବା ପରେ ଟାଙ୍ଗୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବିଭିନ୍ନ ସ୍ଥାନରେ ଇଦ୍-ଉଲ୍-ଫିତର ପର୍ବ ପାଳିତ



**ଜଟଣୀ, ୧୧।୪(ସମିସ):** ଭାଇଚାରାର ସହର ଜଟଣୀର ବିଭିନ୍ନ ସ୍ଥାନରେ ଇସଲାମ ଧର୍ମର ପବିତ୍ର ଇଦ ଉଲ ଫିତର ପାଳିତ ହୋଇଯାଇଛି। ଗତ ଏକ ମାସ ଧରି ଉପବାସ ରଖିଥିଲା ବେଳେ ବୁଧବାର ସନ୍ଧ୍ୟାରେ ଚନ୍ଦ୍ର ଦେଖି ଗୁରୁବାର ଇଦ ଉତ୍ସବ ପାଳନ କରିବା ଲାଗି ପ୍ରସ୍ତୁତ ହୋଇଥିଲେ।ଉକ୍ତ ସମ୍ପ୍ରଦାୟର ଲୋକମାନେ ସକାଳୁ ସ୍ନାନ କରି ନୂତନ ବସ୍ତ୍ର ପରିଧାନ କରିବା ପରେ ମସଜିଦ ଯାଇ ନମାଜ ପାଠ କରିଥିଲେ। ନମାଜ ପାଠ ପରେ ଜଣେ ଅନ୍ୟ ଜଣକ ସହିତ ଆଲିଙ୍ଗନ କରି ବଧାଇ ଜଣାଇଥିଲେ। ଗତ ଏକ ମାସ ଧରି ପରିବାରର ସମସ୍ତ ସଦସ୍ୟମାନେ ଉପବାସ ରଖିବା ପରେ ଇଦ ପାଳନ କରିଥିଲେ। ଏହି ଅବସରରେ ଜଟଣୀ ସହରର ସମସ୍ତ ୬ ଟି ମସଜିଦ ସହିତ ଇଦଗାହରେ ନମାଜ ପାଠ କରାଯାଇଛି। ସେହିପରି ଜଟଣୀ ଆଖପାଖ ତଥା ବେଣାପଞ୍ଜାରୀ, ରଥୀପୁର ଓ ତରାବୋଇ ଗ୍ରାମରେ ଥିବା ଇଦଗାହ ଓ ମସଜିଦରେ ଅନୁରୂପ ଭାବେ ଇଦ ନମାଜ ପାଠ କରାଯାଇଥିବା ଦେଖିବାକୁ ମିଳିଛି।

## ଯୋଗଦେଲେ ମନ୍ମଥ ଓ ବିଭୁତି

**ଜଟଣୀ:** ଜଟଣୀର ବିଭିନ୍ନ ସ୍ଥାନରେ ମୁସଲମାନ ସମ୍ପ୍ରଦାୟର ଲୋକମାନେ ଇଦ-ଉଲ-ଫିତର ଉତ୍ସବ ପାଳନ କରିଥିଲେ। ଭାଇଚାରା ପରମ୍ପରାକୁ ବଜାୟ ରଖିବା ଉଦ୍ଦେଶ୍ୟରେ



ଅବସରରେ ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ କ୍ୟାପଟେନ ମନ୍ମଥ ରାଉତରାୟ ଓ ଜିଲ୍ଲା ବିଜେଡି ସଭାପତି ତଥା ଜଟଣୀ ବିଧାୟକ ପ୍ରାର୍ଥୀ ବିଭୁତି ଭୂଷଣ ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ଥିଲେ। ଜଟଣୀ ରେତଙ୍ଗ କଲୋନୀ ଇଦଗାହ ପଡ଼ିଆ, ବେଣାପଞ୍ଜାରୀ ଓ ତରା ବୋଇ ଗ୍ରାମ ଆଦିରେ ଥିବା ଇଦଗାହରେ ଇଦ ନମାଜ ପାଠ କରୁଥିବା ଲୋକମାନଙ୍କ ସହିତ ହାତ ମିଳାଇ ଆଲିଙ୍ଗନ କରି ସେମାନଙ୍କ ସହିତ ଦୁଃଖ ସୁଖ ବିଷୟରେ ଆଲୋଚନା କରିଥିବା ଦେଖିବାକୁ ମିଳିଥିଲା।

**ବାଲୁଗାଁ:** ଇସଲାମି ଧର୍ମର ପବିତ୍ର ରମ୍‌ଜାନ୍ ପର୍ବ ବାଲୁଗାଁ-ବାଣପୁର ମୁସଲିମ୍ ସାହିରେ ଆନନ୍ଦ ଉତ୍ସାହରେ ଗୁରୁବାର ଇଦ୍-ଉଲ୍ ଫିତ୍‌ର ପାଳିତ ହୋଇଯାଇଛି। ବୁଧବାର ରାତ୍ରିରେ ଚାନ୍ଦ ଦେଖିବା ପରେ ମସଜିଦ୍‌ରେ ଆରମ୍ଭ ହୋଇଥିଲା ନମାଜ ପାଠ। ଦୀର୍ଘ ଏକମାସ ଧରି ମୁସଲମାନ ଭାଇଭଉଣୀମାନେ ଉପବାସ ରହି ଈଶ୍ୱରଙ୍କୁ ସ୍ମରଣ କରିବା ଆରମ୍ଭ କରିଥିଲେ।

ବାଲୁଗାଁ ମୁସଲିମ୍ ସାହି, ବାଣପୁର ବଜାର ମୁସଲିମ୍ ସାହି, ବଡ଼ହନ୍ତୁଆଡ଼, ନୌତାଲିମ୍ କେନ୍ଦ୍ର ଚିଲିକା ଛକ, ସଲପଡ଼ିହ ଓ ଦିକ୍ଷିତ ପଡ଼ା ମୁସଲିମ୍ ବସ୍ତିରେ ରହିଥିବା ମସ୍‌ଜିଦ୍‌ରେ ରମ୍‌ଜାନ ପର୍ବର ଅନ୍ତିମ ଦିବସ ପବିତ୍ର ଇଦ୍ ପର୍ବ ପାଳନ ଅବସରରେ ମୁସଲମାନ ଭାଇ ଭଉଣୀ ମାନେ ନମାଜ ପାଠ କରିବା ସହିତ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରାର୍ଥନା କରିଥିଲେ। ଏହି ଅବସରରେ ବୁଧବାର ସଂଧ୍ୟାରେ ବାଲୁଗାଁ ମୁସଲିମ୍ ସାହି ମସ୍‌ଜିଦ୍ ପରିସରରେ ଇଫ୍‌ତାର ପାର୍ଟି ଆୟୋଜନ କରାଯାଇ ଥିଲା। ଏହି ଇଫ୍‌ତାର ପାର୍ଟିରେ ଅଞ୍ଚଳର ମାନ୍ୟଗଣ ବ୍ୟକ୍ତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁସଲମାନ ସାହିର ସଭାପତି ମୋତିନ ଖାଁ, ସମ୍ପାଦକ ଶବିର ଖାଁ, ଜଲାଲ କଳାପାହାଡ ଓ ଜୁଲୁ ଖାଁ ପ୍ରମୁଖ ମୁସଲମାନ ଭାଇମାନେ ଉପସ୍ଥିତ ରହି ହିନ୍ଦୁ ମୁସଲିମ ଏକାଠି ହୋଇ ଭାଇଚାରାର ବାର୍ତ୍ତା ବାଣ୍ଟିଥିଲେ। ସେହିପରି ବାଣପୁର ବଜାର ଓ ବଡ ହନ୍ତୁଆଡ ମୁସଲମାନ ସାହିରେ ମଧ୍ୟ ଇଫ୍‌ତାର ପାର୍ଟି ଆୟୋଜନ ହୋଇଥିବା ବେଳେ ଏଥିରେ ବାଣପୁର ଅଞ୍ଚଳର ବହୁ ମାନ୍ୟଗଣ ବ୍ୟକ୍ତ ଅତିଥି ଭାବେ ଯୋଗ ଦେଇଥିଲେ।





## ଇଦ୍-ଉଲ୍-ଫିତର ପର୍ବ ପାଳନ

**ବେଗୁନିଆ :** ବେଗୁନିଆ ନିର୍ବାଚନ ମଣ୍ଡଳୀର ମୁସଲିମ ସମ୍ପ୍ରଦାୟର ଭାଇଚାରା ପର୍ବ ଇଦ୍‌ଉଲ ଫିତର ଧୂମଧାମରେ ପାଳନ ହୋଇଛି। ଏଥିରେ ମାସେ ପର୍ଯ୍ୟନ୍ତ ପ୍ରତ୍ୟହ ପ୍ରାତଃରୁ ସନ୍ଧ୍ୟା ପର୍ଯ୍ୟନ୍ତ ଉପବାସରେ ରହି ଚନ୍ଦ୍ର ଦେଖିଲା ପରେ ଖାଦ୍ୟ ଖାଇସାରି ନମାଜ ପାଠ ଓ ତରାବୀ ହୋଇଥାଏ। ମାସର ଶେଷ ଦିନ ନୂତନବସ୍ତ୍ର ପିନ୍ଧି ଇଦଗାହ ପଡ଼ିଆରେ ଏକତ୍ରିତ ହୋଇ ନମାଜ ପଢ଼ିବା ସହ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଥାନ୍ତି। ଏହି ଅବସରରେ ହାଜି ଶେଖ୍ ଅବଦୁଲ୍ ଜଲିଲ୍ କୁହନ୍ତି ଯେ ମୁସଲମାନଙ୍କ ପାଇଁ ଏହା ଏକ ବଡ଼ପର୍ବ। ଇଦଉଲ ଫିତର ଅବସରରେ ବିଜେଡ଼ି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ ଓ ସଂଖ୍ୟା ଲଘୁ ସମ୍ପ୍ରଦାୟର ସାଧାରଣ ସମ୍ପାଦକ ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ ପ୍ରମୁଖ ପହଞ୍ଚି ଶୁଭେଚ୍ଛା ଜଣାଇଛନ୍ତି।

